RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -174 | ସଂଖ୍ୟା-୧୭୪
ଭୁବନେଶ୍ୱର, ସୋମବାର, ୨୨ ସେପ୍ଟେମ୍ବର ୨୦୨୫
Bhubaneswar, Monday, 22 September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




### ଅନାସ୍ଥା ନୋଟିସକୁ ଅଗ୍ରାହ୍ୟ କଲେ ବାଚସ୍ପତି
## କକ୍ଷତ୍ୟାଗ କରି ବାହାରେ ଧାରଣା ଦେଲେ କଂଗ୍ରେସ ସଦସ୍ୟ



ଭୁବନେଶ୍ୱର୨ ୨।୯(ନି.ପ୍ର.): ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସରକାରଙ୍କ ବିରୋଧରେ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବ ବୋଲି କଂଗ୍ରେସ ଘୋଷଣା କରିଥିଲା। ହେଲେ ତାହା ସମ୍ଭବ ହୋଇପାରି ନାହିଁ। କଂଗ୍ରେସର ଅନାସ୍ଥା ନୋଟିସକୁ ବାଚସ୍ପତି ସୁରମା ପାଢ଼ୀ ସୋମବାର ଅଗ୍ରାହ୍ୟ କରିଦେଇଛନ୍ତି। ବିଧାନସଭା ଆରମ୍ଭରୁ ସାର ସଙ୍କଟକୁ ନେଇ ବିରୋଧୀ ବିଜେଡି ହଇଗୋଳ କରିଥିଲା। ଫଳରେ ଗୃହ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରି ନ ଥିଲା। ବାଚସ୍ପତି ଏହି କାରଣ ଦର୍ଶାଇ ନୋଟିସକୁ ଅଗ୍ରାହ୍ୟ କରିଛନ୍ତି। ଗୃହ ସ୍ୱାଭାବିକ ନ ଥିବା ଏବଂ ନିର୍ଦ୍ଧାରିତ ସମୟ ଶେଷ ହୋଇଯାଇଥିବାରୁ ନୋଟିସକୁ ଅଗ୍ରାହ୍ୟ କରାଯାଇଥିବା ବାଚସ୍ପତି କହିଛନ୍ତି। ଅନ୍ୟପଟେ କଂଗ୍ରେସ ବାଚସ୍ପତିଙ୍କୁ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଅନୁରୋଧ କରି ବିଫଳ ହୋଇଛି। ବାଚସ୍ପତି ନ ଶୁଣିବାରୁ କଂଗ୍ରେସ ସଦ୍ୟମାନେ ହୋହଲ୍ଲା କରିଛନ୍ତି। ବାଚସ୍ପତିଙ୍କ ପୋଡ଼ିଅମ ନିକଟକୁ ଆସି ନାରାବାଜି କରିଥିବା ଦେଖିବାକୁ ମିଳିଛି। ଶେଷରେ ସଦସ୍ୟମାନେ କକ୍ଷତ୍ୟାଗ କରି ବିଧାନସଭା ବାହାରେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

# ପୁଣି କଳିଙ୍ଗା ଘାଟିରେ ଅଘଟଣ
## ପ୍ରବଳ ବର୍ଷା ପରେ ଖସିଲା ପଥର, ନିର୍ମାଣ କାମ ବନ୍ଦ

ଫୁଲବାଣୀ: କଳିଙ୍ଗା ଘାଟିରେ ପୁଣି ଅଘଟଣ । ପ୍ରବଳ ବର୍ଷା ପରେ ପୁଣି ଖସିଲା ପଥର । ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ପଥର ଖସିଲା । ପ୍ରବଳ ବର୍ଷା ଏବଂ ପଥର ଖସିବା କାରଣରୁ ବନ୍ଦ ରହିଲା ନିର୍ମାଣ କାର୍ଯ୍ୟ । ଭୁସ୍ଖଳନ ପରେ ରାସ୍ତା କାମ ଚାଲିଥିବା ବେଳେ ପୁଣି ପାହାଡ ପାଣି ଆସି ସେସବୁ ଧୋଇ ନେଲା ।ସେପଟେ ଗତ ରାତ୍ରିରେ ମଧ୍ଯ ପଥର ଖସିଥିବା ସୂଚନା ରହିଛି । ଲଗାଣ ବର୍ଷା ଫଳରେ ପୁନରୁଦ୍ଧାର କାମ ପାଇଁ ବିଛା ଯାଇଥିବା ସାମଗ୍ରୀ ପୁଣି ଧୋଇ ଯାଇଛି ।

ତେବେ ବର୍ଷା ବଢିଲେ ଅଘଟଣ ଘଟୁଛି । ପୁଣି ଥରେ ଅଘଟଣ ହେବା ଫଳରେ ରାଞ୍ଚି – ବିଜୟୱାଡା କରିଡ଼ର ରାସ୍ତାରେ ଗାଡି ଚଳାଚଳ ନେଇ ପୁଣି ବିଳମ୍ବ ହେବା ସମ୍ଭାବନା ଦେଖାଦେଇଛି । ଗତ ୧୬ ତାରିଖ ଅପରାହ୍ନରେ ବାଦଲଫଟା ବର୍ଷା ଯୋଗୁଁ ପରେ କନ୍ଧମାଳଜିଲ୍ଲା କଳିଙ୍ଗା ଘାଟିର ଅନ୍ଧାରକୋଟ ନିକଟ ଏକ ଛୋଟ



ଝରଣାରେ ଭୁସ୍ଖଳନ ଘଟି ପାହାଡ଼ ଶିଖରରୁ ବଡ଼ବଡ଼ ପଥର, ଗଛ, ମାଟି ରାସ୍ତାକୁ ଖସିବା ସହ ୩୦ଫୁଟ ରାସ୍ତା ସମ୍ପୂର୍ଣ୍ଣ ଧୋଇ ନେଇଯାଇଥିଲା। ଫଳରେ ଦକ୍ଷିଣ ଓଡ଼ିଶାରୁ ପଶ୍ଚିମ ଓଡିଶାର ବିଭିନ୍ନ ସହର ସମେତ କନ୍ଧମାଳ ଜିଲ୍ଲାକୁ ଗମନାଗମନ ବିଚ୍ଛିନ୍ନ ହୋଇଯାଉଥିଲା।

୧୫୭ ନମ୍ବର ଜାତୀୟ ରାଜପଥରେ ଏହିଭଳି ଭୁସ୍ଖଳନ ଦୃଶ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିଦ ହଜେଇ ଦେଇଥିଲା। ବିଭାଗୀୟ ଅଧିକାରୀ ଯନ୍ତ୍ରୀଗଣ ଘଟଣାସ୍ଥଳରେ ପହଞ୍ଚି କିଭଳି ଏହି ରାସ୍ତା କମ ସମୟ ଭିତରେ ଯାତାୟତ ନିମନ୍ତେ ସୁବନ୍ଦୋବସ୍ତ କରାଯାଇପାରିବ ତାର ବ୍ୟବସ୍ଥା କରୁଥିବା ବେଳେ ଏବେ ପୁଣି ଥରେ ପଥର ଖସିଛି ।

କଳିଙ୍ଗା ଘାଟିରେ ଗତ ୧୬ ତାରିଖ ଦିନ ଘଟିଥିବା ଭୂସ୍ଖଳନ ସବୁଦିନ ପାଇଁ ମନେ ରହିବ। ପୂର୍ବରୁ ଏଠାରେ ଏତେ ବଡ ଅଘଟଣ ଘଟି ନଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

କଳିଙ୍ଗା ଘାଟିରେ କାର୍ଯ୍ୟ କରୁଥିବା ଏକ ବାହାର ରାଜ୍ୟର ଏକ ଠିକା କମ୍ପାନି ଅଧିକାରୀଙ୍କ ସହ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବା ପରେ ଉକ୍ତ ରାସ୍ତା କାର୍ଯ୍ୟକୁ ଠିକା କମ୍ପାନି ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିଥିବା ବେଳେ ବର୍ଷା ବାଧକ ସାଜିଛି।

ଠିକା କମ୍ପାନି ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରି ଘାଟିର ଡାହାଣ ପାର୍ଶ୍ୱରେ ଥିବା ପାହାଡ଼ର ପାଣିର ଦିଗ ପରିବର୍ତ୍ତନ ସହ ପଥରର କିଛି ଅଂଶକୁ ବ୍ଲାଷ୍ଟିଂ କରି ଅସ୍ଥାୟୀ ରାସ୍ତା ନିର୍ମାଣରେ ଲାଗିପଡିଥିବା ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ରାସ୍ତାରୁ ସମ୍ପୂର୍ଣ୍ଣ ପଥର ମାଟି ତଳକୁ ଖସେଇବା ପରେ ବାଲି ବସ୍ତା ପକେଇ, ମାଟି ପକେଇ ସମତଳ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଉ କିଛି ଦିନ ଭିତରେ ଅସ୍ଥାୟୀ ରାସ୍ତା କାର୍ଯ୍ୟ ଶେଷ ହେବା ନେଇ ଆଶା ଦେଖା ଦେଇଥିବା ବେଳେ ପୁଣି ଏକ ଅଘଟଣ ନିର୍ମାଣ କାମରେ ବାଧା ସୃଷ୍ଟି କରିଛି ।

## ୧.୪୭ କୋଟି ହିତାଧୀକାରୀଙ୍କୁ ମିଳିଛି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ

ଭୁବନେଶ୍ୱର, ୨ ୨।୯(ନି.ପ୍ର.): ଓଡ଼ିଶା ସରକାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛନ୍ତି। ଏହା ଏକ ପ୍ରମୁଖ ସ୍ୱାସ୍ଥ୍ୟ ଯୋଜନା।ଏହି ଯୋଜନାରେ ଦୁର୍ବଳ ପରିବାରକୁ ଆର୍ଥିକ ସୁରକ୍ଷା ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା, ଓଡ଼ିଶାରେ ଏହି ଯୋଜନାରେ ୩.୪୬ କୋଟି ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୧.୪୭ କୋଟି ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି।



ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଦ୍ୱାରା ଉଠାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓଡ଼ିଶାରେ ଆୟୁଷ୍ମାନ କାର୍ଡ ବଣ୍ଟନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରକାଶ କରିଛନ୍ତି। ଗୌତମ ବୁଦ୍ଧ ଦାସ ଏପର୍ଯ୍ୟନ୍ତ ଆୟୁଷ୍ମାନ କାର୍ଡ ପାଇଥିବା ଏବଂ ଏପର୍ଯ୍ୟନ୍ତ କାହାକୁ ମିଳିନାହିଁ ସେ ବିଷୟରେ ସୂଚନା ମାଗିଥିଲେ। ଏହା ସହିତ, ସେ ଏହି ବିଷୟରେ ଜିଲ୍ଲାୱାରୀ ତଥ୍ୟ ମାଗିଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ ସରକାର ଏହି କାର୍ଡଗୁଡ଼ିକୁ ମୁଦ୍ରଣ, ବ୍ରାଣ୍ଡିଂ ଏବଂ ବଣ୍ଟନ ପାଇଁ ଯଥେଷ୍ଟ ଖର୍ଚ୍ଚ କରିଛନ୍ତି। ଏହି ଖର୍ଚ୍ଚରେ କେନ୍ଦ୍ର ସରକାରଙ୍କ ଅନୁଦାନରୁ କାର୍ଡ ମୁଦ୍ରଣ ଏବଂ ବଣ୍ଟନ ପାଇଁ ୬,୨୬,୮୮,୦୫୯ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ଅନୁଦାନରୁ କାର୍ଡ କଭର କିଟ୍ ପାଇଁ ୧୦,୨୫,୯୭,୫୮୦ ଟଙ୍କା ଖର୍ଚ୍ଚ କରାଯାଇଛି ।ବିଜେଡି ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ନୂତନ ଆୟୁଷ୍ମାନ କାର୍ଡ ମୁଦ୍ରଣ, ବ୍ରାଣ୍ଡିଂ ଏବଂ ବଣ୍ଟନ ପାଇଁ ସରକାରଙ୍କ ଦ୍ୱାରା ହୋଇଥିବା ଖର୍ଚ୍ଚ ମଧ୍ୟ ପ୍ରକାଶ କରିଥିଲେ। ମନ୍ତ୍ରୀ ଏହା ମଧ୍ୟ ଆଶ୍ୱାସନା ଦେଇଥିଲେ ଯେ, ଯେଉଁମାନେ ଆୟୁଷ୍ମାନ କାର୍ଡ ପାଇନାହାନ୍ତି ସେମାନେ ଏବେ ବି ରାସନ କାର୍ଡ କିମ୍ବା ଆଧାର କାର୍ଡ ବ୍ୟବହାର କରି ଚିକିତ୍ସା ପାଉଛନ୍ତି।

## ବଳଙ୍ଗା ପୀଡିତା କିରୋସିନ ଢାଳି ନିଜ ଜୀବନ ନେଇଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨ ୨।୯(ନି.ପ୍ର.):: ପୁରୀ ଜିଲ୍ଲାର ବଳଙ୍ଗା ଘଟଣାରେ ପୀଡିତା କିରୋସିନ ଢାଳି ନିଜ ଜୀବନ ନେଇଥିଲେବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ କିରୋସିନ ଢାଳି ନିଜକୁ ନିଆଁ ଲଗାଇ ଦେଇଥିଲେ ଏବଂ କେହି ତାଙ୍କୁ ଜାଳି ନ ଥିଲେ। ସୋମବାର ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ।ବିଧାନସଭାରେ ଭାଷଣ ଦେଇ, ଓଡ଼ିଶା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଳଙ୍ଗା ପୀଡିତା ୧୪ ଦିନ ଧରି ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ରହିବା ପରେ ଅଗଷ୍ଟ ୨ ତାରିଖରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ପୂର୍ବରୁ, ନୂଆଦିଲ୍ଲୀର ସାକେତସ୍ଥିତ ଦକ୍ଷିଣ ଜିଲ୍ଲା କୋର୍ଟ ନମ୍ବର ୩୭ ଦ୍ୱାରା ଧାରା ୧୮୩ ଅନୁଯାୟୀ ରୋଗୀଙ୍କ ବୟାନ ରେକର୍ଡ କରାଯାଇଥିଲା।

## ମାନହାନୀକୁ ଅପରାଧମୁକ୍ତ କରିବାର ସମୟ ଆସିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨ ୨।୯ : ସୁପ୍ରିମକୋର୍ଟ ସୋମବାର ମାନହାନୀକୁ ଅପରାଧମୁକ୍ତ କରିବାର ସମୟ ଆସିଛି ବୋଲି ମନ୍ତବ୍ୟ ଦେଇଛନ୍ତି। ଏହା ୨୦୧୬ରେ ଦିଆଯାଇଥିବା ମାନହାନୀ ଆଇନର ସାମ୍ବିଧାନିକ ବୈଧତାକୁ ସମର୍ଥନ କରିଥିବା ରାୟରୁ ଏକ ପରିବର୍ତ୍ତନକୁ ସୂଚାଇଛି, ଯେଉଁଥିରେ ସମ୍ମାନର ଅଧିକାରକୁ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ଜୀବନ ଓ ସମ୍ମାନର ମୌଳିକ ଅଧିକାର ବୋଲି କୁହାଯାଇଥିଲା ।ଏହି ମନ୍ତବ୍ୟ ଦି ୱ୍ୟାର ଅନଲାଇନ ପ୍ରକାଶନ ବିରୁଦ୍ଧରେ ଜେଏନୟୁ ପ୍ରଫେସରଙ୍କ ଦ୍ୱାରା ଦାୟର ମାନହାନୀ ମାମଲାର ଶୁଣାଣି ସମୟରେ ଆସିଛି। ମାମଲାଟି ୨୦୧୬ରେ ପ୍ରକାଶିତ ଏକ ଖବର ଉପରେ ଆଧାରିତ, ଯେଉଁଥିରେ ପ୍ରଫେସରଙ୍କୁ ଜେଏନୟୁକୁ



'ବିଚ୍ଛିନ୍ନତାବାଦ ଓ ଆତଙ୍କବାଦର ଆଡ୍ଡା' ଏବଂ 'ସଂଗଠିତ ଯୌନ ରାକେଟ' ବୋଲି ଅଭିଯୋଗ କରାଯାଇଥିଲା ।ବିଚାରପତି ଏମଏମ ସୁନ୍ଦରେଶ କହିଛନ୍ତି, "ଏହାକୁ ଅପରାଧମୁକ୍ତ କରିବାର ସମୟ ଆସିଛି।" ଦି ୱ୍ୟାରର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଏହି ମନ୍ତବ୍ୟକୁ ସମର୍ଥନ କରି ସଂସ୍କାରର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଭାରତରେ ମାନହାନୀ ଏବେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୬ ଅଧୀନରେ ଅପରାଧ ରହିଛି, ଯାହା ପୂର୍ବରୁ ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୯କୁ ବଦଳାଇଛି।

### ଡାହୁକ



ରାଜ୍ୟ ରାଜସ୍ୱର ହଂସା ବୁଡ଼ିଲାଣି
ଫେରାଇବା ପାଇଁ ଚେତା
ତାଲା ପଡିଥିବା ମଦ ଦୋକାନକୁ
ଖୋଲିବାକୁ କରି ଚିନ୍ତା
ଯେଉଁ ସରକାର ଡେଉଁଚି
କେଉଁ ବେଲଜ୍ୟା ମୁହଁରେ ଓଡ଼ିଆ
ଅସ୍ମିତାର କଥା କହୁଚି।

– ବିଧୂ

## ଏୟାର ଇଣ୍ଡିଆ ବିମାନ ଅପହରଣ ଉଦ୍ୟମ

ବେଙ୍ଗାଲୁରୁ, ୨ ୨।୯ : ବେଙ୍ଗାଲୁରୁରୁ ବାରାଣସୀ ଯାଉଥିବା ଏୟାରଇଣ୍ଡିଆର ଏକ ବିମାନ ଅପହରଣ ଉଦ୍ୟମ କରାଯାଇଛି। ଏଥିରେ ଯାତ୍ରା କରୁଥିବା ଜଣେ ଯାତ୍ରୀ କକ୍‌ପିଟ୍ କ୍ୟାବିନ୍ ଡୋର୍ ଖୋଲିବାକୁ ଚେଷ୍ଟା କରିଥିଲେ, ଯାହା ଫଳରେ ବିମାନ ଭିତରେ ହଙ୍ଗାମା ହୋଇଥିଲା। ଯାତ୍ରୀ ଜଣକ ସଠିକ୍ ପାସକୋଡ୍ ଏଣ୍ଟ୍ରି କରିଥିଲେ, କିନ୍ତୁ ପାଇଲଟ୍ ଅପହରଣର ଭୟରେ ଡୋର୍ ଖୋଲି ନ ଥିଲେ। ସେହି ବ୍ୟକ୍ତି ଅନ୍ୟ ୮ ଜଣ ଯାତ୍ରୀଙ୍କ ସହିତ ଯାତ୍ରା କରୁଥିଲେ। ସମସ୍ତ ୯ ଯାତ୍ରୀଙ୍କୁ ସିଆଇଏସ୍‌ଏଫ୍‌କୁ ହସ୍ତାନ୍ତର କରାଯାଇଥିଲା।

ଏୟାର ଇଣ୍ଡିଆ କହିଛି, ଆମେ ଗଣମାଧ୍ୟମ ରିପୋର୍ଟରୁ ବାରାଣସୀ ଯାଉଥିବା ବିମାନ ବିଷୟରେ ସୂଚନା ପାଇଥିଲୁ। ଜଣେ ଯାତ୍ରୀ ଶୌଚାଳୟ ଖୋଜିବା ସମୟରେ କକ୍‌ପିଟ୍ ଏଣ୍ଟ୍ରି ଡୋର୍ ନିକଟରେ ପ୍ରବେଶ କରିଥିଲେ। ଆମେ ଜନସାଧାରଣଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛୁ ଯେ, ବିମାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ କୌଣସି ଉଲ୍ଲଂଘନ ହୋଇନାହିଁ। ଅବତରଣ କରିବା ସମୟରେ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ସୂଚନା ଦିଆଯାଇଥିଲା ଏବଂ ବର୍ତ୍ତମାନ ଏହାର ତଦନ୍ତ ଚାଲିଛି ।ଯାତ୍ରୀ କକ୍‌ପିଟ୍ ଭିତରକୁ ପ୍ରବେଶ କରିବାକୁ କାହିଁକି ଚେଷ୍ଟା କରିଥିଲେ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଓଢ-୧୦୮୬ ସକାଳ ୮ଟା ପରେ ବେଙ୍ଗାଲୁରୁରୁ ଯାତ୍ରା କରିଥିଲା। ବିମାନ ବାରାଣସୀରେ ଅବତରଣ କରିବା ପରେ, ଅଭିଯୁକ୍ତ ଯାତ୍ରୀମାନଙ୍କୁ ସିଆଇଏସ୍‌ଏଫ୍ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଥିଲା।




ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ, ଜଣେ ଯାତ୍ରୀ କକ୍‌ପିଟ୍ କ୍ୟାବିନ୍ ଡୋର୍ ଖୋଲିବାକୁ ଚେଷ୍ଟା କରିଥିଲେ। ପାସକୋଡ୍ ଦେବା ମାତ୍ରେ ପାଇଲଟ୍ ଏକ ସିଗ୍‌ନାଲ ପାଇଲେ। ଯେତେବେଳେ ପାଇଲଟ୍ ସିସିଟିଭି ଫୁଟେଜ୍ ଦେଖିଲେ, ସେତେବେଳେ ଅପହରଣ ହେବାର ଭୟରେ ସେ ଡୋର୍ ଖୋଲି ନ ଥିଲେ। ଏହି ଯାତ୍ରୀ କକ୍‌ପିଟ୍ ପାସକୋଡ୍ କିପରି ଜାଣିଲେ ସେ ବିଷୟରେ ମଧ୍ୟ ପ୍ରଶ୍ନ ଉଠିଛି। ଏକ ରିପୋର୍ଟ ଅନୁଯାୟୀ, କକ୍‌ପିଟ୍ ଡୋର୍ ଖୋଲିବାକୁ ଚେଷ୍ଟା କରିଥିବା ଯାତ୍ରୀ ପ୍ରଥମଥର ପାଇଁ ବିମାନ ଯାତ୍ରା କରୁଥିଲେ। ସେ ଏପରି କାହିଁକି କଲେ ବୋଲି ପଚରାଯିବାରୁ, କହିଥିଲେ ଯେ, ସେ ଶୌଚାଳୟ ଯିବାକୁ ଚାହୁଁଥିଲେ ଏବଂ ଭାବିଥିଲେ ଯେ, ଏହା ସେହି ଡୋର୍। ତଥାପି ଯେତେବେଳେ କ୍ରୁ ମେମ୍ବର ତାଙ୍କୁ ଜଣାଇଲେ ସେ କକ୍‌ପିଟ୍ ଡୋର୍ ଖୋଲିବାକୁ ଚେଷ୍ଟା କରିଛନ୍ତି, ସେ ଚୁପ୍‌ଚାପ୍ ପଛକୁ ହଟିଯାଇଥିଲେ।

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୫୦ କୋଟି

**ଭୁବନେଶ୍ୱର,୨୨।୯:** ରାଜ୍ୟ ସରକାର ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଗତ ୧୪ ମାସ ମଧ୍ୟରେ ୪୯ କୋଟି ୬୭ ଲକ୍ଷ ୬୮ ହଜାର ୫୪୮ ଟଙ୍କା ଫେରସ୍ତ କରିଛନ୍ତି । ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ, ହାଇ-ଟେକ୍ ଇଷ୍ଟେଟସ୍ ଗ୍ରୁପ୍ ଅଫ୍ କମ୍ପାନୀର ଏବଂ ମାନ୍ୟବର ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟରେ ସୁପାରିଶ କରାଯାଇଥିବା ଜମାକାରୀଙ୍କୁ ମିଶାଇ ସର୍ବ ମୋଟ ୧ ଲକ୍ଷ ୩୩ ହଜାର ୭୫୫ ଜଣ କ୍ଷତିଗ୍ରସ୍ତ ଜମାକାରୀ ଅନ୍ତର୍ଭୁକ୍ତ। ୪ ଲକ୍ଷ ୭୨ ହଜାର ୬୫୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ କର୍ପସ ପାଣ୍ଠିରୁ ଅର୍ଥ ଫେରସ୍ତ ପାଇଁ ସୁପାରିଶ କରିଥିଲେ। ସେମାନଙ୍କ ମଧ୍ୟରୁ ୯୬ ହଜାର ୮୦୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୬ କୋଟି ଟଙ୍କା କର୍ପସ ପାଣ୍ଠିରୁ ଫେରସ୍ତ କରାଯାଇଛି । ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀ ମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୩୦୦ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ସୃଷ୍ଟି କରିଛନ୍ତି ।ରାଜ୍ୟରେ ଆନୁମାନିକ ୨୪,୭୫,୭୮୨ କ୍ଷତିଗ୍ରସ୍ତ ଜମାକାରୀ ୬ ହଜାର ୮୬୦ କୋଟି ୧୪ ଲକ୍ଷ ୪୨ ହଜାର ୨୬୩ ଟଙ୍କା ବିଭିନ୍ନ ବେଆଇନ୍ ଆର୍ଥିକ ପ୍ରତିଷ୍ଠାନରେ ପୁଞ୍ଜିନିବେଶ କରିଛନ୍ତି । ୩ ଲକ୍ଷ ୧୬ ହଜାର ୦୬୩ ଜଣ ଜମାକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି । ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାରତ ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ ।

## ଔରଙ୍ଗଜେବଙ୍କ ପାଇଁ ଓକିଲାତି କଲେ ଓଡ଼ିଆ ପ୍ରଫେସର

ଉଦୟପୁର, ୨ ୨।୯: ରାଜସ୍ଥାନର ଉଦୟପୁରରେ ଥିବା ମୋହନଲାଲ ସୁଖାଡିୟା ବିଶ୍ୱବିଦ୍ୟାଳୟ (ଗଖଝଟ)ର କୁଳପତି ପ୍ରଫେସର ସୁନିତା ମିଶ୍ର ଗତ କିଛି ଦିନ ଧରି ବିବାଦରେ ଫସି ରହିଛନ୍ତି। ଏକ ସେମିନାର ସମୟରେ ଏକ ବିବୃତ୍ତିରେ ସେ ମୋଗଲ ଶାସକ ଔରଙ୍ଗଜେବଙ୍କୁ 'ଦକ୍ଷ ପ୍ରଶାସକ' ବୋଲି କହିଥିଲେ। ଏହି ମନ୍ତବ୍ୟ ରାଜ୍ୟବ୍ୟାପୀ ବିରୋଧର କାରଣ ହୋଇଛି ।



ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଇଇଠଚ) ଏବଂ ରାଷ୍ଟ୍ରୀୟ ରାଜପୁତ କରଣୀ ସେନା (ଜଜଝକ) ତାଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି । ପ୍ରତିବାଦ ଏତେ ବୃଦ୍ଧି ପାଇଥିଲା ଯେ ପ୍ରଫେସର ମିଶ୍ରଙ୍କୁ ସାର୍ବଜନୀନ ଭାବରେ କ୍ଷମା ମାଗିବାକୁ ପଡିଥିଲା। ଏହାପରେ ସେ କହିଥିଲେ ଯେ ରାଜସ୍ଥାନ ବୀରମାନଙ୍କର ଭୂମି ଏବଂ ମହାରାଣା ପ୍ରତାପଙ୍କ ଭୂମି। ସମଗ୍ର ପ୍ରସଙ୍ଗ ସେପ୍ଟେମ୍ବର ୧୨ ତାରିଖରେ ଏକ ସେମିନାର ସମୟରେ ଆରମ୍ଭ ହୋଇଥିଲା।

ପ୍ରଫେସର ସୁନିତା ମିଶ୍ର ଔରଙ୍ଗଜେବଙ୍କ ପ୍ରଶାସନିକ କ୍ଷମତାକୁ ମହାରାଣା ପ୍ରତାପ ଏବଂ ପୃଥ୍ୱୀରାଜ ଚୌହାନଙ୍କ ସହିତ ତୁଳନା କରିଥିଲେ। କରଣୀ ସେନା ଏହାକୁ ବୀରମାନଙ୍କ ପ୍ରତି ଅପମାନ ବୋଲି କହିଥିଲା ??ଏବଂ କହିଛି ଯେ ଉଦୟପୁର ଅଞ୍ଚଳରେ ପୂଜ୍ୟ ମହାରାଣା ପ୍ରତାପଙ୍କୁ ହିନ୍ଦୁ ଧର୍ମ ଏବଂ ସଂସ୍କୃତିକୁ କ୍ଷତି ପହଞ୍ଚାଉଥିବା ଶାସକଙ୍କ ସହିତ ତୁଳନା କରିବା ଗ୍ରହଣୀୟ ନୁହେଁ। ପ୍ରତିବାଦ ବଢ଼ିବା ସହିତ ତାଙ୍କ ଇସ୍ତଫା ଦାବି ଆରମ୍ଭ ହୋଇଥିଲା।

ବୁଧବାର ଦିନ, ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ଏକ ଭିଡିଓ ବାର୍ତ୍ତା ଜାରି କରିଥିଲେ। ସେ ସ୍ୱଷ୍ଟ ଭାବରେ କହିଥିଲେ ଯେ ତାଙ୍କର କୌଣସି ପ୍ରକାରେ ମେୱାର କିମ୍ବା ରାଜସ୍ଥାନର ଐତିହାସିକ ଐତିହ୍ୟକୁ ଅସମ୍ମାନ କରିବା ଉଦ୍ଦେଶ୍ୟ ନଥିଲା। ସେ ମେୱାରର ଲୋକମାନଙ୍କୁ ବିଶେଷ ଭାବରେ କ୍ଷମା ପ୍ରାର୍ଥନା କରିଥିଲେ ଏବଂ କହିଥିଲେ ଯେ ରାଜସ୍ଥାନ ବୀରମାନଙ୍କର ଭୂମି, ଯେଉଁଠାରେ ମହାରାଣା ପ୍ରତାପଙ୍କ ପରି ଯୋଦ୍ଧା ଜନ୍ମଗ୍ରହଣ କରିଥିଲେ।

ସୁନିତା ମିଶ୍ର ହେଉଛନ୍ତି ଭୁବନେଶ୍ୱର (ରମାଦେବୀ) ଆର. ଡି. ମହିଳା ମହାବିଦ୍ୟାଳୟ (ବର୍ତ୍ତମାନ ମହିଳା ବିଶ୍ୱବିଦ୍ୟାଳୟ) ଏବଂ ଏସ. ବି.(ଶୈଳବାଳା) ମହିଳା ମହାବିଦ୍ୟାଳୟ କଟକର ପୂର୍ବତନ ଛାତ୍ରୀ। ୧୯୯୧ମସିହାରୁ ୧୯୯୭ ମସିହା ମଧ୍ୟରେ ରାଜ୍ୟର ବହୁ ମହାବିଦ୍ୟାଳୟରେ ସେ ଜଣେ ଅଧ୍ୟାପିକା ଭାବେ ଶିକ୍ଷାଦାନ କରିଥିଲେ। ଉତ୍ତରପ୍ରଦେଶର ବନାରସ ଠାରେ ଥିବା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ଲକ୍ଷ୍ନୌ ବାବାସାହେବ ଭୀମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟ (ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ) ରେ ୨୦୦୮ମସିହାରୁ ୨୦୨୩ମସିହା ପର୍ଯ୍ୟନ୍ତ ପ୍ରଫେସର ଏବଂ ଡିନ୍ ଭାବରେ କାର୍ଯ୍ୟ କରି ଆସିଥିଲେ। ଏହାପରେ ତାଙ୍କୁ ରାଜସ୍ଥାନ ଉଦୟପୁରସ୍ଥିତ ମୋହନ ଲାଲ ସୁଖାଡିୟା ବିଶ୍ୱବିଦ୍ୟାଳୟ କୁଳପତି ଭାବେ ୩ବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିଲା ।

## ବିଜେଡ଼ି-ବିଜେପି ମୁହାଁମୁହିଁ

**ଭୁବନେଶ୍ୱର,୨୨।୯(ନି.ପ୍ର):** ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟକୁ ନେଇ ଆଜି ବିଧାନସଭାରେ ବିଜେଡି-ବିଜେପି ମୁହାଁମୁହିଁ ହୋଇଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ବିଧାୟକ ଦାବି କରିଥିବାବେଳେ ବିଜେଡି ଏହାର ପ୍ରତିବାଦ କରିଥିଲା ।ବିଜେପି ବିଧାୟକ ବିଭୁତି ପ୍ରଧାନ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଦାବି କରିଛନ୍ତି।
ସେ କହିଛନ୍ତି ଯେ, ପୂର୍ବରୁ ପ୍ରଧାନମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ତଦନ୍ତ ପାଇଁ କହିଥିଲେ। ସୋସିଆଲ ମିଡ଼ିଆରେ ଚର୍ଚ୍ଚା ହେଉଛି, ତାମିଲ ବାବୁ ସକ୍ରିୟ ହେବା ବେଳେ ନବୀନ ବାବୁ ନିଷ୍କ୍ରିୟ ହୋଇପଡନ୍ତି। ନବୀନ ବାବୁ ସକ୍ରିୟ ହେଲେ ତାମିଲ ବାବୁ ସନ୍ନ୍ୟାସ ନିଅନ୍ତି କହିଥିବା ବେଳେ ଯାହାକୁ ନେଇ ଗୃହରେ ତାତି ଦେଖିବାକୁ ମିଳିଛି। ବିଧାୟକଙ୍କ ବୟାନ ଗୃହ ବିବରଣୀରୁ ବାଦ୍ ଦେବାକୁ ଦାବି କରି ପ୍ରତିବାଦ କରିଥିଲା ବିଜେଡି। ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଗୃହରେ ଅପସଙ୍ଗ କୁ ପ୍ରସଙ୍ଗ କରୁଛନ୍ତି। ଏହା ହେବା ଉଚିତ ନୁହେଁ । ଏଭଳି କଥା ଗୃହରେ ଭୁଲ ପରମ୍ପରା ସୃଷ୍ଟି କରୁଛି । ତେଣୁ ଏହାକୁ ଗୃହ ବିବରଣୀରୁ ବାଦ ଦେବାକୁ ଦାବି କରିଥିଲେ ବିଜେଡି ସଦସ୍ୟ। ଏହାକୁ ନେଇ ବାଚସ୍ପତି କହିଲେ ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ କୌଣସି ତଦନ୍ତ ଆବଶ୍ୟକତା ନାହିଁ। ମୁଁ ଅନୁଭବ କରୁଛି ବିଧାୟକ ଭାବପ୍ରାବଣତାରେ ଏପରି କହି ଦେଇଛନ୍ତି। କିନ୍ତୁ ବିଜେଡି ସଦସ୍ୟଙ୍କ ଜୋରଦାର ପ୍ରତିବାଦ ପରେ ବିଧାୟକ ବିଭୂତି ପ୍ରଧାନ ନିଜ ବୟାନ ପ୍ରତ୍ୟାହାର କରି ନେଇଛନ୍ତି।

ଆଞ୍ଚଳିକ ମନ୍ଥନ
ମଙ୍ଗଳବାର,୨୩,ସେପ୍ଟେମ୍ବର,୨୦୨୫ Tuesday,23 September 2025, Bhubaneswar




## ବିଧାନସଭା ସମ୍ମୁଖରେ ବିଶାଳ ଗଣଧାରଣା

ଭୁବନେଶ୍ୱର,୨୨।୯:(ମନ୍ଥନ)ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ (ଏଆଇଟିୟୁସି) ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବିଧାନସଭା ସମ୍ମୁଖରେ ପ୍ରତିବାଦ ସଭା, ବିକ୍ଷୋଭ ଓ ଗଣଧାରଣା କରାଯାଇଥିଲା। ଏଥିରେ ରାଜ୍ୟ ସଭାପତି ସାଥି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା। ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାଷ ମହାପାତ୍ର, ରାଜ୍ୟ ଉପସଭାପତି ବ୍ରଜବନ୍ଧୁ ପ୍ରଧାନ, ସାଧାରଣ ସମ୍ପାଦିକା ସରସ୍ୱତୀ ବେହେରା, ରାଜ୍ୟ ଉପସାଧାରଣ ସମ୍ପାଦିକା ଅନୁସୟା ପ୍ରଧାନ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନବାଦୀ ଗୌଡ଼, ରୁନୁ ମହାନ୍ତ, ସରସ୍ୱତୀ ପ୍ରଧାନ, ମୀନା କୁମାରୀ ମିଶ୍ର, ଦମୟନ୍ତୀ ପୁହାଣ, ଶାନ୍ତିଲତା ବେହେରା, ମେହେରୁନ ଖାତୁନ୍, ମମତା ମହାନ୍ତ, ରେଜିଆ ଖାତୁନ୍, ଝରଣାବାଳା, ସୁଚିତ୍ରା ସ୍ୱାଇଁ, ବାସନ୍ତୀ ବାରିକ, ବିଳାସିନୀ ମହାନ୍ତ, ରୀନା ପରିଡ଼ା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ ସି.ଆର.ପି.ମାନଙ୍କର ବିଭିନ୍ନ ଦାବି ନେଇ ଏକ ୯ଜଣିଆ ପ୍ରତିନିଧିମଣ୍ଡଳୀ ଓଡ଼ିଶା ମିଶନ ଶକ୍ତି ସଚିବ ଶାଳିନୀ ପଣ୍ଡିତଙ୍କୁ ସାକ୍ଷାତ କରି ନିମ୍ନଲିଖିତ ଦାବି ସଂପର୍କରେ ଆଲୋଚନା କରିଥିଲେ। ସମସ୍ତ ଦାବି ଯଥାଶିଘ୍ର ପୁରଣ କରାଯିବା ସହିତ ଇନ୍‌ସେଟିଭ ବଦଳରେ ଦରମାର ସ୍ଥାୟୀତ୍ୱକୁ ଏକ ମାସ ମଧ୍ୟରେ ସାମଧାନ କରାଯିବ ବୋଲି ଶାଳିନୀ ପଣ୍ଡିତଙ୍କ ପ୍ରତିଶୃତି ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସ୍କ୍ରିନିଙ୍ଗ କ୍ୟାମ୍ପ

କେନ୍ଦ୍ରାପଡ଼ା,୨୨।୯:(ମନ୍ଥନ)ଜିଲ୍ଲାପାଳ କେନ୍ଦ୍ରାପଡ଼ା ରଘୁରାମ.ଆର. ଆୟାରଙ୍କ ପରାମର୍ଶ କ୍ରମେ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ମହିଳା କର୍ମଚାରୀ ଓ ସେମାନଙ୍କର ପରିବାର ପାଇଁ ଏକ ସ୍ୱତନ୍ତ୍ର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନ୍ତର୍ଗତ ଏକ ସ୍କ୍ରିନିଙ୍ଗ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରିଣୀ ଆସି ସେମାନଙ୍କର ବ୍ଲଡ଼ ସୁଗାର, ରକ୍ତଚାପ ଏବଂ ହେମୋଗ୍ଲୋବିନ ସ୍ତର ପରୀକ୍ଷା କରିଥିଲେ। ଉପସ୍ଥିତ କିଛି ପୋଲିସ କର୍ମଚାରୀ ମଧ୍ୟ ସେମାନଙ୍କର ପରୀକ୍ଷା କରାଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ




ମାଝୀଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ମହାନ୍ତି ଓ ଏନଆଇସି ଡିଜିଏମ ଜ୍ଞାନରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଗୌରାଙ୍ଗ ଚରଣ ଗିରି ଉପସ୍ଥିତ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ମନୋରଞ୍ଜନ ରାଉତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ସଚ୍ଚିଦାନନ୍ଦ ମିଶ୍ର ଓ ଡ଼ିପିଏମ ଡ଼. ମନୋରଞ୍ଜନ ସାହୁ ପ୍ରମୁଖ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଓ ଆସିଷ୍ଟାଣ୍ଟ ମ୍ୟାନେଜର ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ମମତା ଦାଶ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟ କ୍ୟାମ୍ପରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ ଶୁଭଶ୍ରୀ ଜେନା, ମହିଳା ସ୍ୱାସ୍ଥ୍ୟ କର୍ମୀ, ନର୍ସିଙ୍ଗ ଅଫିସର, ପରାମର୍ଶପ୍ରଦାନକାରି ଓ ଆଶାକର୍ମୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ୟାମସୁନ୍ଦର ବରାଳ, ଜ୍ୟୋସ୍ନାରାଣୀ ନାୟକ, ଜିତେନ୍ଦ୍ର ଖଡ଼ିରତ୍ନ, ଅମିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିବା ସହିତ ସରକାରୀ ଏ.ଏନ.ଏମ. ତାଲିମ କେନ୍ଦ୍ରର ଦ୍ୱିତୀୟ ବର୍ଷର ଦଶଜଣ ଛାତ୍ରୀଙ୍କ ସହିତ ତାଙ୍କ ପ୍ରିନସିପାଲ ଭାରତୀ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବଗଡା ପଞ୍ଚାୟତରେ ବରିଷ୍ଠନାଗରିକ ମଞ୍ଚର ଚାରାରୋପଣ

କେନ୍ଦ୍ରାପଡ଼ା,୨୨।୯:(ମନ୍ଥନ)ପ୍ରଧାନମନ୍ତ୍ରୀ ପି.ଦାମୋଦର ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଗ୍ରାମପଞ୍ଚାୟତର ବରିଷ୍ଠ ନାଗରିକ ମଞ୍ଚ ଓ ଗ୍ରାମପଞ୍ଚାୟତର ମିଳିତ ପ୍ରଚେଷ୍ଟାରେ ଏକ ଚାରାବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ ବ୍ରଜକିଶୋର ବିଶ୍ୱାଳ ଓ ସରପଞ୍ଚ ସୁବନି ସାହୁ ଗୋଟିଏ ଗୋଟିଏ ବୃକ୍ଷର ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମ ସିଦ୍ଧମରିଚାଣୀ ସରକାରୀ ବିଦ୍ୟାପୀଠ ଓ ସିଦ୍ଧମରିଚାଣୀ ମନ୍ଦିର ପରିସର, ତୁଣ୍ଡୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ କଚେରୀପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।

## କେଏଟିଏସ ଆୟୁର୍ବେଦିକ କଲେଜ୍ ଓ ହସ୍ପିଟାଲ୍‌ରେ ୧୦ତମ ଜାତୀୟ ଆୟୁର୍ବେଦ ଦିବସ ପାଳନ

କୁକୁଡ଼ାଖଣ୍ଡି,୨୨।୯:(ମନ୍ଥନ)୧୦ତମ ଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ କେ.ଏ.ଟି.ଏସ ଆୟୁର୍ବେଦିକ ମହାବିଦ୍ୟାଳୟ,ଅଙ୍କୁଶପୁର ପକ୍ଷରୁ ସପ୍ତାହ ବ୍ୟାପି ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯକ୍ରମ ର ଅଦ୍ୟ ଆରମ୍ଭ ହୋଇଯାଇଛି ଏବଂ ସ୍ଥାନୀୟ ଅଞ୍ଚଳରେ ଆୟୁର୍ବେଦ ପ୍ରତି ସଚେତନତା ସୃଷ୍ଟି ହୋଇଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟ




ସଚେତନତା ବ୍ୟାଖ୍ୟାନ, ଜନ ଆନ୍ଦୋଳନ, ଜନ ଭାଗିଦାରୀ, କ୍ୱିଜ୍ ପ୍ରତିଯୋଗିତା, ବିଶାଳ ସ୍ୱର୍ଣ୍ଣପ୍ରାଶନ ଶିବିର ଏବଂ ମା ପାଇଁ ଗଛ ଟିଏ ବିଷୟରେ ବିବିଏସଏମ ଶିଶୁ ମନ୍ଦିର, ଅଙ୍କୁଶପୁରରେ ଆୟୋଜିତ ହୋଇଥିଲା । ଏହି ସଭା ରେ ଡ଼ା. ଶିବ ପ୍ରସାଦ ରାଉତ, ଡ଼ା. ନିରୋଜ କୁମାର ମିଧା, ଡ଼ା. ଜିତେନ୍ଦ୍ର କୁମାର ଆଚାର୍ଯ୍ୟ ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟଙ୍କ ଯୋଗ ଦେଇଥିଲେୟ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ଯୋଗ ଦେଇ ଏଥିରେ ସହିଯିଗ କରିଥିଲେ । ଏହାସହିତ, ସତ୍ୟ ସାଇ ସେବା ସଂଗଠନ, ବ୍ରହ୍ମପୁର ଦ୍ୱାରା ସିପିଆର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା । ଆଗାମୀ ୨୩ ସେପ୍ଟେମ୍ବର ୨୦୨୫ ରେ କଲେଜ୍ ପ୍ରାଙ୍ଗଣରେ ମେଗା ହେଲ୍ଥ କ୍ୟାମ୍ପ ଆୟୋଜନ ହେବାକୁ ଯାଉଛି । ଏବଂ ଏଥିରେ ବିପୁଳ ସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ କଲେଜ ର ଅଧକ୍ଷ ପ୍ରଫେସର ଡ଼ାକ୍ତର ଅରୁଣ କୁମାର ଦାସ ସ୍ଥାନୀୟ ଲୋକଙ୍କୁ ଆହ୍ୱାନ କରିଛନ୍ତି । ଏଥିରେ ସାଧାରଣ ଲୋକମାନେ ବ୍ୟାପକ ଭାବରେ ଲାଭାନ୍ୱିତ ହେବେ ବୋଲି କଲେଜ୍ ପରିବାର ପକ୍ଷରୁ କୁହାଯାଇଛି ।

## ସମୀର ଟିଭିଏସ ପକ୍ଷରୁ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୨୨।୯:(ମନ୍ଥନ)ଦୁହୁରିଆସ୍ଥିତ ସମୀର ଟିଭିଏସ ପକ୍ଷରୁ ଏକ ସଡକ ସୁରକ୍ଷା ସଚେତନତା ବାଇକ ଶୋଭାଯାତ୍ରା ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦଘାଟନ କରିଥିଲେ। ଶୋଭାଯାତ୍ରାକାରୀ ମାନଙ୍କ ସ୍ଲୋଗାନ ଥିଲା 'ହେଲମେଟ ପିନ୍ଧନ୍ତୁ ଜୀବନ ବଞ୍ଚାନ୍ତୁ'। ସୁରକ୍ଷିତ ଗାଡି ଚାଳନା କରନ୍ତୁ ଓ ନିଜ ସମେତ ଅନ୍ୟର ଜୀବନ ବଞ୍ଚାନ୍ତୁ। ଆଜିର ବ୍ୟସ୍ତବହୁଳ ଜୀବନରେ ଦୁଇ ଚକିଆ ଯାନରେ ୨ଜଣ ଯିବା ସମୟରେ ଉଭୟ ଚାଳକ ଓ ପଛରେ ବସିଥିବା ଅନ୍ୟ ଜଣଙ୍କ ମଧ୍ୟ ହେଲମେଟ ପିନ୍ଧିବା ଆବଶ୍ୟକ ବୋଲି ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ କହିଥିଲେ। ଏହି ଶୋଭାଯାତ୍ରା ଦୁହୁରିଆ ନିକଟରୁ ବାହାରି ତିନିମୁହାଣି ଛକ ଓ ସେଠାରୁ ସହର ମଧ୍ୟ ଦେଇ ଇଛାପୁର




ରଥଦାଣ୍ଡକୁ ଯାଇଥିଲା। ପୁନର୍ବାର ସେଠାରୁ ସହର ମଧ୍ୟ ଦେଇ ଦୁହୁରିଆରେ ପହଞ୍ଚିବା ପରେ ସେଠାରୁ ଚାନ୍ଦୋଳ ପର୍ଯ୍ୟନ୍ତ ଯାଇ ସେଠାରୁ ପୁନର୍ବାର ଦୁହୁରିଆ ଫେରି ଆସିଥିଲା। ବାଇକ ଶୋଭାଯାତ୍ରାରେ ଯାଉଥିବା ସମୀର ଟିଭିଏସର କର୍ମଚାରୀମାନେ ପଥପ୍ରାନ୍ତରେ ଅଟକି ଦୁଇଚକିଆ ଯାନ ଚାଳକ ଓ ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ବୁଝାଇ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ମୋଟରଯାନ ନିରୀକ୍ଷକ ସଞ୍ଜୟ କୁମାର ଟୁଡୁ, ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ପରିଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା ବେଳେ ଶୋରୁମ ମ୍ୟାନେଜର ଲକ୍ଷ୍ମୀକାନ୍ତ ବେହେରା, କର୍ମଚାରୀ ଦୁର୍ଯ୍ୟୋଧନ ମହାରଣା, ଅନିଜା ଜେନା, ସମ୍ପତି ବେହେରା, ଶୁଭଶ୍ରୀ ନାୟକ, କ୍ଷିତିଶ କୁମାର କର,ସୁଶାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜାମ ପ୍ରେସ କ୍ଲବ ପକ୍ଷରୁ ବନ୍ଧୁ ମିଳନ

ଗଞ୍ଜାମ,୨୨।୯:(ମନ୍ଥନ)ଗଞ୍ଜାମ ସହର ସ୍ଥିତ ମା ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ପ୍ରେସ କ୍ଲବ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ କ୍ଲବ ସଭାପତି ଶବର କୁମାର ତରାଇଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭା ହୋଇଥିଲା । ସମ୍ପାଦକ ବିଦ୍ୟାଧର ସାହୁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ଦିନରେ କ୍ଲବ ପକ୍ଷରୁ ଆଲୋଚନା ଚକ୍ର କରାଯିବା ନେଇ ସ୍ଥିର କରାଯାଇଥିଲା । ଛତ୍ରପୁର ପ୍ରେସ କ୍ଲବ କର୍ମକର୍ତା ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯିବା ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଛତ୍ରପୁର ପ୍ରେସ କ୍ଲବ ନୂତନ ସଭାପତି ସରୋଜ କୁମାର ସାମଲ, ଉପସଭାପତି ପ୍ରଦୀପ କୁମାର ସାହୁ, ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, ପୂର୍ବତନ କ୍ଲବ ସଭାପତି (ଛତ୍ରପୁର )ପ୍ରଶାନ୍ତ କୁମାର ମହାରଣା ପ୍ରମୁଖଙ୍କୁ ଏହି ଉପଲକ୍ଷେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗଞ୍ଜାମ ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା,ଉପସଭାପତି ବିଜୟଲକ୍ଷ୍ମୀ ମହାଙ୍କୁଡ଼, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା, ସହ ସମ୍ପାଦକ ନିରଞ୍ଜନ କୁମାର ପରିଡା, ଶ୍ରୀକାନ୍ତ ମହାନ୍ତି,,ବସନ୍ତ ମହାରଣା, ଦିଲ୍ଲୀପ ସାମଲ,ଭଗବାନ ଦାଶ,ମୁରଲୀ ପ୍ରଧାନ, ସନ୍ତୋଷ କୁମାର ସାହୁ,ଦୁର୍ଗା ମାଧବ ପାଣିଗ୍ରାହି, ଦିଲ୍ଲୀପ କୁମାର ସାମାଲ, ରାକେଶ ରଞ୍ଜନ ଦାସ, ସୁଧୀର କୁମାର ପାଢ଼ୀ,ମନୋଜ ପ୍ରଧାନ,ବଟକୃଷ୍ଣ ରାଉଳ,କେ. ରଜନୀକାନ୍ତ ରେଡ୍ଡି,ରାକେଶ କୁମାର ନାୟକ, ବନବାସୀ ସେଠି,ଶିବାନନ୍ଦ ପଲାଇ, କୃଷ୍ଣ ଚନ୍ଦ୍ର ଦାସ,କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଛତ୍ରପୁର, ଗଞ୍ଜାମ ପ୍ରେସ କ୍ଲବ ର ସାମ୍ବାଦିକ ବୃନ୍ଦ ଉପସ୍ଥିତ ଥିଲେ ।

## ନିଶାମୁକ୍ତ ଭାରତ ଗଠନ ନିମନ୍ତେ ମାରାଥନ

ଜଗତସିଂହପୁର, ୨୨।୯:(ମନ୍ଥନ)ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ଆହ୍ୱାନ କ୍ରମେ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର, ୨୦୨୫ ପର୍ଯ୍ୟନ୍ତ ସେବାପକ୍ଷ ପାଳନ ଅବସରରେ ଆଜି ପୂର୍ବାହ୍ନ ରେ ଜଗତସିଂହପୁର ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରିଡା ବିଭାଗ ଆନୁକୂଲ୍ୟରେ



ନିଶାମୁକ୍ତ ଭାରତ ଗଠନ ଅଭିଯାନ ସଂପର୍କିତ ସଚେତନତା ମାରାଥନ ମାନ୍ୟବର ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଏହି ମାରାଥନ ଯୋଗଧାରି (ନୂଆ ବସ ଷ୍ଟାଣ୍ଡ) ଠାରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ (ଜଗତସିଂହପୁର) ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ନିଶାମୁକ୍ତ ଭାରତ ଅଭିଯାନ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠି, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀମତୀ ବିଶ୍ୱ ବିଜୟିନୀ ପଟ୍ଟନାୟକ,ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ, ଅବକାରି ବିଭାଗ ସମେତ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ମାରାଥନ ରେ ଯୋଗଦେଇଥିଲେ ।

## ମାର୍କେଟ ୟାର୍ଡ଼ ଓ ସାପ୍ତାହିକ ହାଟର ଉନ୍ନତି କରଣ ନେଇ ବୈଠକ

କେନ୍ଦ୍ରାପଡ଼ା,୨୨।୯:(ମନ୍ଥନ)ଆରଏମସି ଅଧିନସ୍ତ ସାପ୍ତାହିକ ହାଟର ଉନ୍ନତି କରଣ ତଥା ଭଡା ସୂତ୍ରରେ ଦିଆଯାଉଥିବା ଦୋକାନ ଗୃହ ଗୁଡିକର ବକେୟା ଭଡା ଓ ନିୟମିତ ଭଡା ପ୍ରଦାନ ସଂକ୍ରାନ୍ତରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆରଏମସି ଅଧିନସ୍ତ ମାର୍ଶାଘାଇ, ନଇଁନ୍ଦିପୁର, ହରିପୁର, ଆଳି, ଚାନ୍ଦୋଳ ଓ ପଟ୍ଟାମୁଣ୍ଡାଇ ମାର୍କେଟ ୟାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାଣି ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା, ବିଦ୍ୟୁତ, କଂକ୍ରିଟ ରାସ୍ତା, ଦୋକାନ ଗୃହ ଗୁଡିକର ମରାମତି ସମେତ ବକେୟା ଘର ଭଡା ପ୍ରଦାନରେ ଅହେତୁକ ଅବହେଳା ପାଇଁ ନୋଟିସ ପ୍ରେରଣ, ଦୋକାନ ଘରର ଆଲଟମେଣ୍ଟ ଆଦେଶ ଖାରଜ ସମେତ ଅନ୍ୟାନ୍ୟ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ବିଭିନ୍ନ ମାର୍କେଟ ୟାର୍ଡ଼ର ସଦସ୍ୟ ଯଥା ରଣେନ୍ଦ୍ର କୁମାର ସ୍ୱାଇଁ, ସୁନାକାର ଗାହାଣ, ସୁରେନ୍ଦ୍ରନାଥ ଦାସ, ପ୍ରଶାନ୍ତ ବେହେରା, ପ୍ରକାଶ କୁମାର ଶତପଥୀ, ରବୀନ୍ଦ୍ର କୁମାର ଜେନା, ରଞ୍ଜନ କୁମାର ସ୍ୱାଇଁ, ଅଭିମନ୍ୟୁ ସାହୁ, ଲିଙ୍ଗରାଜ ଶତପଥୀ, ବସନ୍ତ କୁମାର ନାୟକ, ସଞ୍ଜୟ କୁମାର ଗିରି, ସଞ୍ଜୟ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦିଗାମ୍ବର ତରାଇ,ବୀରକିଶୋର ସ୍ୱାଇଁ, ନରେନ୍ଦ୍ର କୁମାର ମଲ୍ଲିକ, ମୁରଲୀଧର ସାହୁ, ଜିତେନ୍ଦ୍ର କୁମାର ଦାସ ପ୍ରମୁଖ ସହଯୋଗ କରିଥିବା ବେଳେ ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସେବାପକ୍ଷ ପାଳନ ଅବସରରେ ସଚେତନତା ମାରାଥନ୍

କେନ୍ଦ୍ରାପଡ଼ା,୨୨।୯:(ମନ୍ଥନ)ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୧୭ ସେପଟ୍ମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ 'ସେବା ପକ୍ଷ' ପାଳନ ଅବସରରେ କେନ୍ଦ୍ରାପଡ଼ାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଗଠନ ଅଭିଯାନ ସମ୍ପର୍କିତ ଏକ ସଚେତନତା ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ମାରାଥନକୁ ସକାଳ ୮ ଘଟିକା ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ,ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ କ୍ରୀଡା ସଂଘର କ୍ରୀଡ଼ାବିତ, ସ୍ୱେଚ୍ଛାସେବୀଙ୍କ ସମେତ ପାଖାପାଖି ୪ ଶହ ଜଣ ମାରାଥନରେ ସାମିଲ ହୋଇଥିଲେ। ମାରାଥନଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପୁରୁଣାବସଷ୍ଟାଣ୍ଡ -କେନ୍ଦ୍ରାପଡ଼ା ହାଇସ୍କୁଲ -କାଳୀମନ୍ଦିର ଛକ -ଗରାପୁର ଗାନ୍ଧିଛକରୁ ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫେରିଥିଲା।

## ୨୪ ରୁ ନୀଳକଣ୍ଠ ସ୍ମାରକୀ ଗୁରୁଜଙ୍ଗ କପ କ୍ରିକେଟ

ଖୋର୍ଦ୍ଧା,୨୨।୯:(ମନ୍ଥନ)ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି । ଏହି କର୍କ ବଲ ଟୁର୍ଣ୍ଣାମେଣ୍ଟ ରେ ୧୬ ଟି ଦଳ ଭାଗ ନେଉଥିବା ବେଳେ ଏହା ସେପ୍ଟେମ୍ବର ୨୬ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ସେପ୍ଟେମ୍ବର ୨୪ ତାରିଖ ଓ ୨୫ ତାରିଖ ରେ ଏକ ମିନି ଆଧାର ଟୁର୍ନାମେଣ୍ଟ ହେବ ବୋଲି ଆୟୋଜକ ମାନେ ଜଣାଇଛନ୍ତି । ସେପ୍ଟେମ୍ବର ୨୬ ତାରିଖ ରେ ପ୍ରଥମ ମ୍ୟାଚ ରେ ଗଙ୍ଗାପଡ଼ା ବନାମ ପାନ ବରଜ, ଦ୍ୱିତୀୟ ମ୍ୟାଚ ଅଠାରଙ୍ଗ ବନାମ ପଙ୍ଗାରସିଙ୍ଗ, ୨୭ ତାରିଖ ପ୍ରଥମ ମ୍ୟାଚ ତମାଣ୍ଡୋ ବନାମ ମେଣ୍ଟାଶାଳ, ଦ୍ୱିତୀୟ ମ୍ୟାଚ ଭଳିଆବାଡି ବନାମ ସୁଆଙ୍ଗ, ୨୮ ତାରିଖ ପ୍ରଥମ ମ୍ୟାଚ ଅରିସଲ ବନାମ କଲ୍ୟାଣପୁର, ଦ୍ୱିତୀୟ ମ୍ୟାଚ କୁମାରବସ୍ତ ବନାମ ପଳାସପୁର, ୨୯ ତାରିଖ ପ୍ରଥମ ମ୍ୟାଚ ଯାଅଁଳା ବନାମ ଭଗବାନପୁର, ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ବନାମ ଗୁଡୁମ ମଧ୍ୟରେ ଅନୁଷ୍ଠିତ ହେବ । ସେପ୍ଟେମ୍ବର ୩୦ ରେ ପ୍ରଥମ କ୍ୱାଟର ଓ ଦ୍ୱିତୀୟ କ୍ୱାଟର, ଅକ୍ଟୋବର ୧ ତାରିଖରେ ତୃତୀୟ ଏବଂ ଚତୁର୍ଥ କ୍ୱାଟର ଫାଇନାଲ ହେବ । ଅକ୍ଟୋବର ୨ ରେ ପ୍ରଥମ ସେମି ଓ ଦ୍ୱିତୀୟ ସେମି ଫାଇନାଲ ଅନୁଷ୍ଠିତ ହେବ। ଅକ୍ଟୋବର ୪ ତାତିଖ ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ ହେବ ବୋଲି ଗୁରୁଜଙ୍ଗ ଆସୋସିଏସନ ର କର୍ମକର୍ତ୍ତା ମାନେ ଜଣାଇଛନ୍ତି। ସବୁ ମ୍ୟାଚ ରେ ଶ୍ରେଷ୍ଠ ଖେଳାଳି ଏବଂ ଫାଇନାଲ ରେ ବହୁ ଆକର୍ଷଣୀୟ ପୁରସ୍କାର ଦିଆଯିବା ସହ ଏକ ପ୍ରଦର୍ଶନୀ ମ୍ୟାଚ ର ଆୟୋଜନ ହେବାର ସୂଚନା ମିଳିଛି ।

## ସଡକ ସୁରକ୍ଷା କମିଟି ବୈଠକ

ଅନୁଗୋଳ,୨୨।୯:(ମନ୍ଥନ)୧୯୦୯ ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଅଗଷ୍ଟମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର




ପଦକ୍ଷେପଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନବିଭାଗ ସୂଚନା ଅନୁଯାୟୀ ଗତ ଅଗଷ୍ଟ ମାସରେ ଜିଲ୍ଲାରେ ମୋଟ ୩୦ଟି ଦୁର୍ଘଟଣାଘଟିଥିବାବେଳେ ୧୧ ଜଣଙ୍କର ମୃତ୍ୟୁ ଘଟିଛି ଓ ୧୯ ଜଣ ଆହତ ହୋଇଛନ୍ତି । ଗତ ମାସରେ୧୪ଟି ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଥିବାବେଳେ ୧୬ ଟି ଦୁର୍ଘଟଣା ରାଜ୍ୟ ରାଜପଥଓ ଅନ୍ୟାନା ଅଞ୍ଚଳରେ ଘଟିଛି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚସମୟରେ ବିନା ହେଲମେଟରେ ଗାଡି ଚାଳନା ଯୋଗୁକରିବା ଯୋଗୁ ୫୪୨ଜଣ, ମଦ୍ୟପାନ କରି ଗାଡିଚାଳନାମାଲ ପରିବହନ ନିମନ୍ତେ ୩୭ ଜଣଙ୍କ ଠାରୁ ଜୋରିମନା୫୬୫ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯାଇଥିଲା ମଧ୍ୟରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରତିମୟ,ଆଇଏ ଏସ୍ ପ୍ରୋବେସନର କସ୍ତୁରୀ ସା, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀର କୁମାରଜେନା, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଅନୁଗୋଳ ଆଂଚଳିକପରିବହନ ଅଧିକାରୀ ଶ୍ରୀ ସମ୍ବତ କୁମାର, ସାମ୍ବାଦିକ ଶ୍ରୀ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀପ୍ରମୁଖ ଯୋଗ ଦେଇଥିଲେ ।

## ଦୟାନଦୀକୁ ଗଙ୍ଗୁଆନଦୀର ବିଷାକ୍ତ ପାଣି ନ ଛାଡିବା ଦାବି କରି ଅଭିନବ ପ୍ରତିବାଦ କଲା ଦୟା ସୁରକ୍ଷା ଅଭିଯାନ

ଡେଲାଙ୍ଗ,୨୨।୯:(ମନ୍ଥନ)ଦୟାନଦୀକୁ ଗଙ୍ଗୁଆନଦୀର ବିଷାକ୍ତ ପାଣି ନଛାଡିବା ଦାବୀ କରି ଆଜି ଦୟା ଓ ଗଙ୍ଗୁଆନଦୀର ସଙ୍ଗମ ସ୍ଥଳରେ ଦୟାନଦୀ ସୁରକ୍ଷା ଅଭିଯାନ ମଂଚ ପକ୍ଷରୁ ନଦୀ ପାଣିରେ ପଶି ହାତରେ ପ୍ଲାକାର୍ଡ ଧରି ଅଭିନବ ପ୍ରତିବାଦ କରିଛନ୍ତି । ଏଥିରେ କୃଷକ ନେତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଦୟାନଦୀ ସୁରକ୍ଷା ମଂଚର ଆବାହକ ସଚ୍ଚିକାନ୍ତ ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ଭଗବାନ ପରିଡା, ପ୍ରସନ୍ନ ମହାରଥୀ, ବୁଲା ବେହେରା, ତ୍ରିଲୋଚନ ବେହେରା, ପ୍ରଦୀପ ଖଟୋଇ ପ୍ରମୁଖ ଏହି ପ୍ରତିବାଦରେ ସାମିଲ ହୋଇଥିଲେ । ଦୟାନଦୀର ପାଣିକୁ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ଏହି ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓଡିଶା,ବିଭାଗୀୟ ମନ୍ତ୍ରୀ, ସଚ୍ଚିବ ଏବଂ ବିଏମସି ଓ ପୁରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ବାରମ୍ବାର କରାଗଲେ ସୁଧା ତାର କୌଣସି ସମାଧାନ ବାହାର କରୁନଥିବା ମଂଚ ଅଭିଯୋଗ କରିଛି । ଏହି ଗଙ୍ଗୁଆନଦୀର ବିଷାକ୍ତ ପାଣି ଦୟାନଦୀରେ ପଶି ପିପିଲି ଡେଲାଙ୍ଗ ଓ କଣାସ ଅଂଚଳର ପୁରା ନଦୀକୂଳିଆ ଲୋକମାନେ ଏହି ନଦୀ ପାଣି ବ୍ୟବହାର କରି ବିଭିନ୍ନ ସଂକ୍ରମିତ ରୋଗରେ ପଡିବା ସହିତ କଣାସ ଅଂଚଳରେ ହଇଜା ବ୍ୟାପି ୮ଜଣକ ଲୋକଙ୍କ ଜୀବନ ଯାଇଛି । ଯାହା ଫଳରେ ନଦୀ ପାଣି




ବ୍ୟବହାର ନକରିବାକୁ ସେତେବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଥିଲା । ଟ୍ୟାଙ୍କର ଯୋଗେ ପାନୀୟଜଳ ଏହି ସଂକ୍ରମିତ ଅଂଚଳକୁ ଯୋଗାଇ ଦିଆଯାଇଥିଲା। ଏହି ବିଷାକ୍ତ ପାଣି ବ୍ୟବହାର କରି ଡେଲାଙ୍ଗ କଣାସ ରେ ଅନେକ ବ୍ୟକ୍ତି ଜଣ୍ଡିସ, କିଡନି ରୋଗ , ହୃଦରୋଗ ଓ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ନଦୀର ବିଷାକ୍ତ ପାଣିକୁ ବ୍ୟବହାର କରି ଗୃହପାଳିତ ପଶୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ନଦୀଭିତରେ ବିଷାକ୍ତ ପାଣି ପାଇଁ କୁଢକୁଢ ମଲାମାଛ ସବୁ ମରି ଭାସିଛନ୍ତି । ଯଦି ରାଜ୍ୟ ସରକାର ଏହି ଗଙ୍ଗୁଆନଦୀର ବିଷାକ୍ତ ପାଣିକୁ ଦୟାନଦୀକୁ ଛାଡିବା ବନ୍ଦ ନକରନ୍ତି । ହଜାର ହଜାର ଲୋକ ଏକାଠୀ ହୋଇ କଂଟି ଠାରେ ଦୟା ଓ ଗଙ୍ଗୁଆନଦୀର ମିଳନ ସ୍ଥଳର ଗଙ୍ଗୁଆନଦୀ ଉପରେ ଏକ ବନ୍ଧ କରାଯାଇ ଏହି ବିଷାକ୍ତ ପାଣିକୁ ଦୟାନଦୀକୁ ପ୍ରବେଶ କରେଇ ଦିଆଯିବନି ବୋଲି ମଂଚ ପକ୍ଷରୁ ଚେତାବନୀ ଦିଆଯାଇଛି। ତତସହିତ ଦୟା ଓ ଭାର୍ଗବୀ ଲୁଣା ନଦୀର ମିଳନ ସ୍ଥାନ ବଡଗୋଠ ଠାରୁ ହଜାରହଜାର ଲୋକଙ୍କ ସହିତ ଏକ ୫ଦିନିଆ ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ଯିବ । ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସମସ୍ୟାର ସମାଧାନ ନହୁଏ ସମସ୍ୟାର ସମାଧାନ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେଠାରେ ଧାରଣା ଦିଆଯିବ ବୋଲି କୃଷକ ନେତା ଅଶୋକ ପ୍ରଧାନ ଚେତାବନୀ ଦେଇଛନ୍ତି ।

## ଗୋପ ପଞ୍ଚାୟତରେ ବିଜେପିର ସେବା ପକ୍ଷ

ଗୋପ,୨୨।୯:(ମନ୍ଥନ)ଭାରତୀୟ ଜନତା ପାର୍ଟି ର ସେବା ପକ୍ଷ କାର୍ଯ୍ୟକ୍ରମ ଅନ୍ତର୍ଗତ ଗୋପ ପଞ୍ଚାୟତରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି । କୁଶୁପୁର ସ୍ଥିତ ମହାଦେବ ମନ୍ଦିର ପରିସରକୁ ପରିଷ୍କାର କରାଯାଇଥିବା ବେଳେ କାର୍ଯ୍ୟକର୍ତ୍ତାମାନେ 'ଭାରତ ମାତା କି ଜୟ' ଏବଂ 'ବନ୍ଦେ ମାତରମ' ଧ୍ୱନିରେ ସମଗ୍ର ଅଞ୍ଚଳକୁ ପ୍ରକମ୍ପିତ କରିଥିଲେୟ ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତାମାନେ ଯୋଗ ଦେଇ ସ୍ୱଚ୍ଛ ଭାରତ ଏବଂ ସୁସ୍ଥ ଭାରତର ବାର୍ତ୍ତା ପ୍ରଚାର କରିଥିଲେ । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଗୋପ ମଣ୍ଡଳ ସାଧାରଣ ସମ୍ପାଦକ ରଞ୍ଜିତ ବିଶ୍ୱାଳ,ଅନିଲ ପରମାଣିକ,ଦୀପକ ପୋଲେଇ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶିବାନୀ ସଙ୍କର ସେଠି, ବୁଥ ସଭାପତିମାନେ ଏବଂ ଆଗ ଧାଡ଼ିର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର




ମୋଦୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରେରଣାଦାୟୀ ତଥ୍ୟଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ନେତାମାନେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ପ୍ରୟାସରେ କୋଣାର୍କ ରୁ ଭୁବନେଶ୍ୱର ର ଲିଙ୍ଗରାଜ ଷ୍ଟେସନ ପର୍ଯ୍ୟନ୍ତ ରେଳ ସଂଯୋଗ ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଥିବାରୁ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ । ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ କହିଥିଲେ ଯେ, ତ୍ୟାଗ, ତପସ୍ୟା, ବଳିଦାନ, ସେବା, ସଂଗଠନ, ସଂଘର୍ଷ ଏବଂ ସମର୍ପିତ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଦୀର୍ଘ ୪୪ ବର୍ଷ ପରେ ଓଡ଼ିଶା ଲୋକମାନେ ସେବା କରିବାର ସୁଯୋଗ ଦେଇଛନ୍ତି । ନମ୍ରତାର ସହ ଏହାକୁ ସମ୍ପାଦନ କରିବାକୁ ଆମକୁ ପଡ଼ିବ । ଏହି ସହ ଆଗାମୀ ସପ୍ତାହର କାର୍ଯ୍ୟକ୍ରମଗୁଡ଼ିକର ଖସଡ଼ା ପ୍ରସ୍ତୁତ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ବିଜେପି କାର୍ଯ୍ୟକର୍ତ୍ତାମାନେ ସ୍ୱଚ୍ଛତା ଏବଂ ସେବାର ବାର୍ତ୍ତାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଚାର କରିବାରେ ସଫଳ ହୋଇଥିବା ଜଣାପଡ଼ିଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସଂପାଦକୀୟ

# ସରକାରୀ ସ୍କୁଲ ଅବସ୍ଥା

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀତା ମନ୍ତ୍ରଣାଳୟର ଶିକ୍ଷା ସମ୍ପର୍କିତ କମ୍ପ୍ରେହେନସିଭ୍ ମଡ୍ୟୁଲର ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ଶିକ୍ଷାବର୍ଷରେ ଦେଶରେ ପ୍ରତି ୪ଜଣରେ ଜଣେ ସ୍କୁଲ ଛାତ୍ର ଅର୍ଥାତ ହାରାହାରି ୨୭ପ୍ରତିଶତ ଛାତ୍ର ପାଠ ବୁଝିବା ପାଇଁ ଘରୋଇ ଟ୍ୟୁସନ ବା କୋଚିଂ ଉପରେ ନିର୍ଭର କରନ୍ତି । ସହରାଚଂଳରେ ୩୦.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ ଉପରେ ନିର୍ଭର କରୁଥିବାବେଳେ ଗ୍ରାମାଚଂଳରେ ୨୫.୫ ପ୍ରତିଶତ ନିର୍ଭରଶୀଳ । ତେବେ ଘରୋଇ କୋଚିଂ ପାଇଁ ସହରାଚଂଳରେ ଗୋଟିଏ ପିଲା ପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପ୍ରାୟ ୪୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ସମୟରେ ଉଚ୍ଚ ମାଧ୍ୟମିକ ପିଲାଙ୍କ ପିଛା ୧୦,୦୦୦ଟଙ୍କା ବ୍ୟୟ କରିବାକୁ ପଡୁଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ କେବଳ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ୪୪.୬ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଂଟର ଗୁଡିକରେ ଶିକ୍ଷା ନେଇଥିବା ବେଳେ ଗ୍ରାମାଚଂଳରେ ଏହା ୩୩.୧ ପ୍ରତିଶତ ରହିଛି । ଦେଶବ୍ୟାପୀ ହାରାହାରି ୩୭ପ୍ରତିଶତ ଛାତ୍ରଛାତ୍ରୀ ବିନା କୋଚିଂରେ ପାଠ ବୁଝିପାରୁନାହାଁନ୍ତି । ଯାହାକି ସ୍କୁଲଶିକ୍ଷାର କୁଶଳତା ଓ ପ୍ରାବଲ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ । କେବଳ ଏତିକି ନୁହେଁ କ୍ଲାସରୁମ ଶିକ୍ଷା ନିଜର ମହତ୍ୱ ହରାଉଥିବା ବେଳେ କୋଚିଂ ସେଂଟର ଗୁଡିକ ଏବେ ପିଲାଙ୍କ ପାଇଁ ଛାୟା ସ୍କୁଲରେ ପରିଣତ ହୋଇଛି । ଏହା ନିସନ୍ଦେହ ଯେ, ଦେଶରେ ଛତୁ ଫୁଟିବା ଭଳି କୋଚିଂ ସେଂଟର ଗଢି ଉଠିଥିବାବେଳେ ସେଗୁଡିକ ପିଲାଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ଏବଂ ଗୁରୁତ୍ୱପୂର୍ଣ୍ଣ ଶ୍ରେଣୀରେ ପରିଣତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଏଥିଲାଗି ପରିବାରଗୁଡିକ ସେମାନଙ୍କ ବାର୍ଷିକ ବ୍ୟୟର ୯ରୁ ୧୨ପ୍ରତିଶତ ବ୍ୟୟ କରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି । କହିବା ବାହୁଲ୍ୟ ଯେ, ଶ୍ରେଣୀ କକ୍ଷ୍ୟରେ ପିଲାଙ୍କ ପ୍ରତି ଶିକ୍ଷକଙ୍କ ବ୍ୟକ୍ତିଗତ ଧ୍ୟାନର ଅଭାବ ଯୋଗୁଁ ସେମାନେ କୋଚିଂ ମୁହାଁ ହେବାକୁ ବାଧ୍ୟ ହେଉଛନ୍ତି । ସେହିପରି ପିଲାମାନେ କୋଚିଂ ମୁହାଁ ହେବା ପାଇଁ ଶିକ୍ଷକମାନେ ମଧ୍ୟ ଦାୟୀ, ଅଧିକ ଉପାର୍ଜନ ପାଇଁ ଘରୋଇ କୋଚିଂ ପାଇଁ ଶିକ୍ଷକମାନେ ବାଧ୍ୟ କରୁଥିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଆମ ରାଜ୍ୟରେ ମଧ୍ୟ ଘରୋଇ କୋଚିଂ ସେଂଟର ମୁହାଁ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ନୁହେଁ । ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟରେ ପ୍ରାଥମିକରୁ ଉଚ୍ଚମାଧ୍ୟମିକ ସ୍ତରରେ ୫୭.୧ ପ୍ରତିଶତ ଘରୋଇ କୋଚିଂ ସେଂଟର ବିନା ପାଠ ବୁଝିପାରୁନଥିବାବେଳେ ସହରାଚଂଳରେ ୬୬.୬ ପ୍ରତିଶତ ଓ ଗ୍ରାମାଚଂଳରେ ୫୪.୬ ପ୍ରତିଶତ ପିଲା ଘରୋଇ କୋଚିଂ ନେଉଛନ୍ତି । ଉଚ୍ଚ ମାଧ୍ୟମିକ ସ୍ତରରେ ୬୮.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ଉପରେ ନିର୍ଭରଶୀଳଥିବା କୁହାଯାଇଛି । ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍‌ଫରମେସନ୍ ସିଷ୍ଟମ ଫର ଏଜୁକେଶନ(ୟୁ-ଡାଇଜ୍ ପ୍ଲସ) ୨୦୨୪-୨୫ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇଥିବାବେଳେ ଘରୋଇ ସ୍କୁଲ ସଂଖ୍ୟା ବଢିଛି । ସେହିପରି ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ହ୍ରାସ ପାଉଥିବା ସମୟରେ ଘରୋଇ ଶିକ୍ଷାନୁଷ୍ଠାନରେ ନାମଲେଖା ଆଶାତୀତ ଭାବେ ବୃଦ୍ଧି ପାଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୫ ନିୟୁତ ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୯.୬ ନିୟୁତ ଶିକ୍ଷକ ଏବଂ ୨୬କୋଟି ୪୦ଲକ୍ଷ ଛାତ୍ରଛାତ୍ରୀଙ୍କୁ ମତ ନେଇ ଏହି ୟ-ଡାଇଜ ପ୍ଲସ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ତେବେ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ନାମଲେଖା ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ । ଏହା ନିସନ୍ଦେହ ଯେ, ପ୍ରାଥମିକ ଠାରୁ ଆରମ୍ଭ କରି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ପର୍ଯ୍ୟନ୍ତ ସରକାରୀ ସ୍କୁଲରେ ଗୁଣାତ୍ମକ ଭିତଭୂମି, ତାଲିମପ୍ରାପ୍ତ କର୍ମଚାରୀ ଏବଂ ଉତରଦାୟିତ୍ୱର ଅଭାବ ଯୋଗୁଁ ଅଭିଭାବକ ଓ ପିଲା ଘରୋଇ ବିଦ୍ୟାଳୟ ମୁହାଁ ହୋଇଛନ୍ତି । କହିବା ଅଯଥାର୍ଥ ହେବ ନାହିଁ ଯେ, ସରକାରୀ ବିଦ୍ୟାଳୟରେ ଜଣେ ପିଲା ପିଛା ଯେତିକି ବ୍ୟୟ ହୋଇଥାଏ, ବେସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନରେ ଏହାର ୯ଗୁଣ ଦେୟ ଦେବାକୁ ହୋଇଥାଏ । ଏହା ନିସନ୍ଦେହ ଯେ, ସରକାରୀ ସ୍କୁଲର ଉନ୍ନତି ନେଇ ସରକାରଙ୍କ ବିଫଳତା କେବଳ ସ୍କୁଲ ସଂଖ୍ୟା ହ୍ରାସ ପାଇ ନାହିଁ ଶିକ୍ଷାର ମାନ ମଧ୍ୟ ହ୍ରାସ ପାଇଛି ବୋଲି କୁହାଯାଇପାରେ । ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ ପଡିନାହିଁ । ରାଜ୍ୟରେ ୧୨୮ଟି ସରକାରୀ ସ୍କୁଲ ବନ୍ଦ ହୋଇଯାଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ମଧ୍ୟ ଗତବର୍ଷ ତୁଳନାରେ ୧,୧୨,୮୫୮ ହ୍ରାସ ପାଇଛି । ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ । ଏହା ସତ୍ତ୍ୱେ ୟୁ-ଡାଇଜ ପ୍ଲସ ରିପୋର୍ଟରେ ସରକାରୀ ବିଦ୍ୟାଳୟ ସମ୍ପର୍କରେ ଯେଉଁ ସନ୍ତୋଷଦାୟକ ତଥ୍ୟ ପ୍ରକାଶ ପାଇଛି, ତାହା ହେଉଛି ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ଅଧାରୁ ପାଠ ଛାଡୁଥିବା(ଡ୍ରପ ଆଉଟ) ଛାତ୍ରଛାତ୍ରୀଙ୍କ ହ୍ରାସ । ଦେଶ ସ୍ୱାଧୀନ ହେବା ପରଠାରୁ ଚଳିତ ଶିକ୍ଷାବର୍ଷରେ ଦେଶରେ ଶିକ୍ଷକଙ୍କ ସଂଖ୍ୟା ୧କୋଟିରୁ ଅତିକ୍ରମ କରିଛି । ଦେଶରେ ମୋଟ ଶିକ୍ଷକଙ୍କ ସଂଖ୍ୟା ୩,୪୪,୧୧୬କୁ ବୃଦ୍ଧି ପାଇଛି । ଗତବର୍ଷ ଶିକ୍ଷକଙ୍କ ସଂଖ୍ୟା ୩,୩୫,୪୯୬ ଥିଲା । ଆମ ରାଜ୍ୟରେ ଶିକ୍ଷକ ଛାତ୍ର ଅନୁପାତ ୧:୨୨ ଥିବାବେଳେ ଦେଶରେ ୧:୩୦ ରହିଛି । ଯାହା ଏକ ସକରାତ୍ମକ ସନ୍ଦେଶ ଦିଏ ।

# ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର

**ଡାକ୍ତର ସମ୍ରାଟ କର**

ବର୍ଷାତ ଦିନକୁ ଦିନ ବଢ଼ିଲାଣି । ସେ ଦିନ ବର୍ଷାଭିଜା ସକାଳୁ କ୍ଷୀପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି । ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ । ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃତ୍ତିଗତ ଦାୟିତ୍ୱରେ ଅଛନ୍ତି । ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି । ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ । କାରଣ ବାସ୍ତବ କଥା ହେଉଛି ବର୍ଷା ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ । ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ । ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ । ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ । ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଲାନ୍ତ ତଥା କମ ଶକ୍ତି ସଂପନ୍ନ ମନେହୁଏ । ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ । ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ । ଆଗରୁ ଭରପୁର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ । କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଲାଗେ । ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ । କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ । ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ ।

ଏହି ସମସ୍ୟାକୁ ମାନସିକ ଚିକିତ୍ସା ବ୍ୟବସ୍ଥାରେ ସ୍ୟାଡ଼ ବୋଲି ବୁଝିଥାଉ । ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ । ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ । ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ଓ୍ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ୍ୟ ଜରୁରୀ । ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ । ସନ୍ତୁଳିତ ଆହାର ମଧ୍ୟ ଉପଶମ ଆଣିବାରେ ସହାୟକ ହୁଏ । ବିଶେଷକରି ଓମେଗା-୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର



ସଂପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ । ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ । ଚିତ୍ର ଆଙ୍କିବା, ବହି ପଢ଼ିବା କି ସଂଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ୍ୟ ଏ ଦିଗରେ ଉପାଦେୟ ।

ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ । ଯଦି ଯାବତୀୟ ପତ୍ରିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ । ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ । ସୁଷମ ଖାଦ୍ୟ ପ୍ରଦାନ କରନ୍ତୁ, ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ଯେପରି ଏକ ଚିନ୍ତାମୁକ୍ତ ଓ ପ୍ରଫୁଲ୍ଲିତ ସମୟ କାଟିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ । ପ୍ରଥମେ ପ୍ରଥମେ ପୀଡ଼ିତା ଜଣଙ୍କ ଅସହଯୋଗ ଓ ବିରକ୍ତିକର କରିପାରନ୍ତି । କିନ୍ତୁ ବାସ୍ତବକଥା ହେଉଛି ତାଙ୍କୁ ସବୁ କଥାରେ ସମର୍ଥନ ଦେବା ସହ ଭଲପାଇବା ଓ ପ୍ରେରଣା ସହ ସୁଖଦୁଃଖ ବାଣ୍ଟି ତାଙ୍କ ମାନସିକତାକୁ ଉଜ୍ଜୀବିତ କରାଯାଇପାରିବ । କୌଣସି ପରିସ୍ଥିତିରେ ପୀଡ଼ିତ ଜଣଙ୍କୁ ବିରକ୍ତି କର ଆଘାତ ପାଇବା ପରି କଥା କୁହନ୍ତୁ ନାହିଁ । ଯଥା ସମ୍ଭବ ଶୋଇବା ଓ ଖାଇବା ଦିଗକୁ ଦୃଷ୍ଟି ଦେବା ସହ ଯୋଗ ଅଭ୍ୟାସ ଓ ଶାରୀରିକ ଅଭ୍ୟାସ ଖୁବ ଭଲ । ପଢ଼ିବା ପାଇଁ ଚାହିଁଲେ ତାଙ୍କ ମନ ପସନ୍ଦର ପୁସ୍ତକ ଦିଅନ୍ତୁ । ବୁଲିଯିବା ପାଇଁ ଇଚ୍ଛା କରୁଥିଲେ ଦେବାଳୟ ବ୍ୟତୀତ ପ୍ରାକୃତିକ ନୈସର୍ଗୀକ କ୍ଷେତ୍ର ସବୁଜ ବନାନୀ ପାହାଡ଼ ନଦୀ ସମୁଦ୍ର କୂଳ ଏସବୁ ସ୍ଥାନକୁ ଭ୍ରମଣ ପାଇଁ ନେଇପାରନ୍ତି ।

ତାଙ୍କ ଭିତରେ ମାନସିକ ଭାବେ ଯେ କୌଣସି ସମସ୍ୟା ଯେ ରହିଛି ସେ ଯେପରି ନ ଭାବନ୍ତି ବା ନବୁଝନ୍ତି ସେ ଦିଗକୁ ଆପଣ ଦେଖନ୍ତୁ । ଅନେକ କ୍ଷେତ୍ରରେ ଦେଖାଯାଏ ପୀଡ଼ିତର ଆଖପାଖ ଲୋକଙ୍କ ସମସ୍ୟା କଥାରେ ନାହିଁ 'ଦେଉଳରୁ ମୁଖଶାଳା ବଳିଯାଏ' । ମାନସିକ ରୋଗ ବିଶେଷଜ୍ଞଙ୍କ ଉପରେ ଭରଷା ଓ ଆସ୍ଥା ରଖନ୍ତୁ ସେ ଆପଣଙ୍କୁ ଏ କ୍ଷେତ୍ରରେ ନୂଆ ଜୀବନର ଆନନ୍ଦ ଭରି ଦେବା ପାଇଁ କାର୍ଯ୍ୟ କରୁଥିବାରୁ ଚିକିତ୍ସା ସମ୍ବନ୍ଧିତ ସମସ୍ତ ତଥ୍ୟ ତାଙ୍କୁ ସୂଚୀତ କରିବେ । କୌଣସି କଥା ଗୋପନୀୟ ରଖିବେ ନାହିଁ । ପୀଡ଼ିତ ଜଣଙ୍କୁ ଧୈର୍ଯ୍ୟପୂର୍ଣ୍ଣ ଭାବେ ଦାୟିତ୍ୱ ଗ୍ରହଣ ବେଳେ ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ । ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ

# ଝିଅଟିର ନାଁ ଶବରୀ

**ଅନୀତା ପଟ୍ଟନାୟକ**

ଶବରୀ ନାନୀର ଆମ ଘରେ ଭାରି ପ୍ରଭାବ । କୋରାପୁଟର କଲମପୁରର ନିପଟ ମଫସଲି ଗାଉଁଲି ଘରେ ତାର ଜନ୍ମ ହୋଇଥିଲା ବୋଲି ବାପା କହୁଥିଲେ । ଘର ଭିତରେ ମୁଣ୍ଡରେ ଓଢ଼ଣା ଦେଇ କସ୍ତା ଧଳା ଶାଢ଼ୀଟିଏ ପିନ୍ଧି ଘରର ସବୁ କାମ କରେ । ସେ ଘରୁ ବାହାରକୁ ପାଦ ଦିଏ ନାହିଁ । ବଜାରରେ କେବେ କିଣାବିକା କରେ ନାହିଁ । ବାପା କହନ୍ତି ସେ ଆଦିବାସୀ ଅଧ୍ୟୁଷିତ କୋରାପୁଟର ଜଙ୍ଗଲରେ ଝିଅଟିଏ । ଏଣେ ତେଣେ ବୁଲୁଥିବା ବେଳେ ତାକୁ ନେଇ ଆସି ତାର ନାଁ ଦେଇଥିଲେ ଶବରୀ । ଆମ ଘରକୁ ବିଭିନ୍ନ ପ୍ରକାର ଖବର କାଗଜ ଆସେ । ଶବରୀ ସେ ସବୁ ଖବର କାଗଜ ନାଁ 'ସମାଜ' ବୋଲି ଜାଣିଥିଲା । ବୋଉ ବାପା ବିଭିନ୍ନ ସମ୍ବାଦପତ୍ରର ନାଁ ଧରି ତାକୁ ଆଣିବାକୁ କହିଲେ ସେ କୌଣସି ଗୋଟିଏ ଖବରକାଗଜକୁ ଆଣି 'ସମାଜ' ଆଣିଚି କହି ଦେଇ ଦିଏ । ବାପା ହସି ଦେଲେ କେଣେ ହସୁଚ ବୋଲି କୁହେ । ମୁଁ ବାଧ୍ୟ ହୋଇ ଖବର କାଗଜଟିକୁ ରଖିଦେଇ 'ଟାଇମ୍ସ ଅଫ ଇଣ୍ଡିଆ' ଓ ଅନ୍ୟାନ୍ୟ କାଗଜ ଆଣି ଦିଏ । ସବୁବେଳେ କୁହେ 'ମୁଇଁ ପାଠ ପଢ଼ିଛି କି ?' ଶବରୀ ଜାଣିବାରେ ଖବରକାଗଜ ଗୁଡ଼ିକ ଘରର ଅଦରକାରୀ ଜିନିଷ ସେଗୁଡ଼ିକ ମାସ ଶେଷରେ ବିକ୍ରି ହେଲେ ଯାହା କିଛି ରେଜା ପଇସା ମିଳୁଥିଲା ବାପାଙ୍କ କହବା ମୁତାବକ ମା'ତାକୁ ବିକ୍ରି କରି ଶବରୀକୁ ଦେଇ ଦେଇଥିଲା । ଅଙ୍କ ଜାଣିନଥିବା ଦେଢ଼ ଟଙ୍କା ଓ ଅଢ଼େଇ ଟଙ୍କା ମଧ୍ୟରେ ପାର୍ଥକ୍ୟ ଜାଣି ନଥିବା ଶବରୀ ବାପା ଅଫିସରୁ ଫେରିଲେ ବାପାଙ୍କୁ କହେ 'ମା ମକେ ଦେଢ଼ଟଙ୍କା ଦେଇଚେ, ମୁଁ ମୋର ଖୁଟ ତଳେ ରଖିଚେ ।' ବାପା, ମାଆ ଅନାଅନି ହୋଇ ହସି ଦିଅନ୍ତି ।

ଆମ ଘରେ ସ୍ଥିର ହେଲା ଶ୍ରୀକ୍ଷେତ୍ରକୁ ଯିବା ପାଇଁ । ସେ ଜଗନ୍ନାଥଙ୍କୁ ପୂଜା କରେ । ସେ ଘରେ ଫୁଟିଥିବା ମନ୍ଦାରଫୁଲ ତାଙ୍କ ମୁଣ୍ଡରେ ଦିଏ । ସବୁବେଳେ କୁହେ 'ମୁଇଁ ପିଲା ଦିନେ ଯାକୁ ଦେଖିଲେ ଭାରି ଭଲଟା ମୁଁ ତାକେ ପୂଜା କରେ ସେ ମୋର କଥା ଶୁନେ । ସେ ମତେ ବାବୁଲେ ଦେଖାଇଲା । ବାବୁ ମତେ ଘିଚିଂ କରି ନେଇଆସିଲା ।' ଆମଘରେ ପୁରୀକୁ ଯିବା ପାଇଁ କଥାବର୍ତ୍ତା ହେଉଥିବା ସମୟରେ ବାପା- ସମସ୍ତଙ୍କୁ ଶୀଘ୍ର ଶୀଘ୍ର ବାହାରିବା ପାଇଁ କହିଲେ । ଶବରୀ ଆଡ଼କୁ ଅନାଇ କହିଲେ ସବୁ କାମ ସାରି ଶୀଘ୍ର ବାହାରିବୁ । ତାର ଭାଷାରେ କହିଲେ ତୋର ଦିଅଁ କେ ଦେଖବୁ । ମା' ଚାହୁଁ ନଥିଲେ ଶବରୀ ଯାଉ ସ ସେ ଘର ଜଗି କି ରହୁ । ସେ ଘରର ଗୋଟିଏ ବିଶ୍ୱସ୍ତ ଜୀବ କହିଲେ ଚଳେ । ମୋର ବାପା ମା' ପାଇଁ ଗୋଟିଏ ଷ୍ଟିଲ ଆଲମିରା ଆଣିଥିଲେ । ସେ ଥିଲେ ଗୋଟିଏ ଗୋଲିଆ ଟିଣରେ ଗୋଦରେଜ' ଲେଖାଯାଇଥିଲା । ଘରେ ସମସ୍ତେ ଗଜରେଜ କହୁ କହୁ ସେ ଶବ୍ଦଟା ଶବରୀ ଜାଣିଲା । ଦିନେ ବାପାଙ୍କୁ କହିଲା 'ମୋର ଟିଣ ବାକ୍ସରେ ମୋର ଲୁଗା ରଖି ନାହିଁ ମୋର ଗଜରେଜ' ଦରକାର । ବାପା, ମାଆଙ୍କର ସେହି ଟିଣ ଆଲମିରାଟିକୁ ଶବରୀ ଦେଇ ଦେଇ ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ପାଇଁ ଗୋଟିଏ ଗୋଦରେଜର ଆଲମାରୀ ଆଣିଦେଇଥିଲେ । ବାପା ମୋ ଆଡ଼କୁ ଅନାଇ କହିଲେ କାଲି ସକାଳ ୫ଟାରେ ଗୋଟାଏ ଓଲା ବୁକ୍ କରିଦେବୁ । ଆମ ଶବରୀ ଓଲାରେ ବସି ଆମ ସହ ପୁରୀକୁ ଯିବ । ଏକଥା ଶୁଣି ଶବରୀ କହିଲା, 'ନାଇଁ ଲୋ ବାବା ମୁଁ ପୁରୀ ନାଇଁ ଯାଏ । ମୁଁ କୋଉ ଓଲା ସଙ୍ଗେ ନାଇଁ ଯାଏଁ । ଓଲା ମତେ କେଣେ ନେଇଯିବ । ଓଲା କିଛି ଜାଣେନା । ମତେ କୋଉଠି ବିକି ଦେବ । ମୁଇଁ ଘର ଜଗି କରି ରହିବି । କୋଉ ଓଲା ପିଲା ସାଙ୍ଗେ ଯିବିନି ମୋତକ ଡର ଲାଗୁଚେ ।'

ଆମେ ଯେତେ ବୁଝାଇଲୁ ଓଲା ଗୋଟିଏ କମ୍ପାନୀର ନାମ ଯେକି ଗାଡ଼ି ବ୍ୟବସାୟ କରନ୍ତି ଓ ସେହି କମ୍ପାନୀ ଗାଡ଼ିରେ ଆମେ ପୁରୀ ଯିବା, ମହାପ୍ରସାଦ ଖାଇବା, ସମୁଦ୍ର କୂଳରେ ବୁଲିବା ଇତ୍ୟାଦି ଇତ୍ୟାଦି । ଶବରୀ କିନ୍ତୁ ମାଁଙ୍କ ଫଣଫଣିଆ ମୁହଁ ଦେଖି ଜାଣିଲେ । ତାଙ୍କ ସହ ଏକା ସଙ୍ଗରେ ଶବରୀ ଯାଉ ସେ କଥାରେ ଚାହୁଁନାହାଁନ୍ତି କାରଣ ମା ଥରେ ବି ଶବରୀକୁ ପୁରୀ ଯିବା ପାଇଁ କହିନଥିଲେ । ଖାଲି ଖୁସି ହୋଇ କହୁଥାନ୍ତି ଓଲା କେତେବେଳେ ଆସିବ । ଶବରୀ ବୁଝି ପାରିଲା କିଛି ଗୋଟେ ମାଁଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି । କୋଉ ଗୋଟା ଓଲାକୁ ଡାକି ଜଙ୍ଗଲରେ ଛାଡ଼ି ଦେଲେ ତାର କ'ଣ ଅବସ୍ଥା ହେବ । ତେଣୁ ସେ ପୁରୀ ଗଲାନାହିଁ । ଆମେ ସମସ୍ତେ ପୁରୀ ଗଲୁ । ବହୁତ ବୁଲାବୁଲି କଲୁ । ମଜା କଲୁ । ଶବରୀ ଘର ଜଗି ରହିଲା । ମା' ତା ପାଇଁ ଗୋଟିଏ ଧଳା ଶଙ୍ଖ ଟିଏ ବଡ଼ଦାଣ୍ଡରୁ କିଣିଲେ । କହିଲେ ସେ ବଣଭାଲୁ ଶଙ୍ଖଟାକୁ ଠିକ ବୁଝି ପାରିବ ଓ ସନ୍ଧ୍ୟାରେ ବଜାଇବ । ଘରକୁ ଫେରି ମା' ଶଙ୍ଖଟିକୁ ନେଇ ତାକୁ ଦେଲେ କହିଲେ ସଞ୍ଜ ବେଳେ ଏହାକୁ ତିନିଥର ଫୁଙ୍କିବ । କିନ୍ତୁ ଏ କ'ଣ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ତାର ଜଗନ୍ନାଥଙ୍କ ମୁଣ୍ଡ ଉପରେ ସୁନ୍ଦର ସୁନ୍ଦର ମନ୍ଦାର ଫୁଲ ଦିଆଯାଇଛି । ଫଟୋରୁ ମହୁ ଝରୁଛି ଓ କଳା ପିମ୍ପୁଡ଼ି ସେଠାରେ ମନ୍ଦା ମନ୍ଦା ହୋଇ ବସିଛନ୍ତି ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଜଣା ପଡ଼େ ନାହିଁ ଟାଣେ ପଇସା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ଓ୍ୱାଲର୍ଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ । ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - 'କ୍ଲିୟର ୟୋର ଲଙ୍ଗସ୍, କ୍ଲିୟର ୟୋର ଲାଇଫ, କୁଇଟ ଟବାକୋ' ('ଉକ୍ଷରବକ୍ସ ଛକ୍ଟଙ୍କକ୍ସ କ୍ଷଙ୍କଭଶସ୍ୱ, ମକ୍ଷରବକ୍ସ ଛକ୍ଟଙ୍କକ୍ସ କ୍ଷସଲର - କ୍ତଙ୍କସସ୍ୱ ଗ୍ବକ୍ଟଭବମମକ୍ଟ.') ।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ । ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ । ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି( ୨-୨୦%) । ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ । ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି । ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭



## ପନ୍ନୁର ଘନିଷ୍ଠ ସହଯୋଗୀ ଇନ୍ଦରଜିତ ସିଂ ଗିରଫ

**ନୂଆଦିଲ୍ଲୀ, ୨୨।୯:** ଭାରତର ଜଣେ ଶତ୍ରୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କାନାଡା। ଭାରତ ବିରୁଦ୍ଧରେ କାମ କରୁଥିବା ଖଲିସ୍ତାନୀ ସମର୍ଥକ ଗୁରୁପତୱନ୍ତ ସିଂହ ପନ୍ନୁର ଜଣେ ଘନିଷ୍ଠ ସହଯୋଗୀ ତଥା ତାହାର ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ କାନାଡା ପୁଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି ଇନ୍ଦରଜିତ ସିଂହ ଗୋସାଲ, ଏବଂ ତାଙ୍କୁ ଗୁରପତୱନ୍ତ ସିଂହ ପନ୍ନୁର ଡାହାଣ ହାତ ବୋଲି ବିବେଚନା କରାଯାଏ । ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ମାମଲାରେ ତାଙ୍କୁ ଗିରଫ କରାଯାଇଛି । ସେ ମଧ ଖଲିସ୍ତାନ ସପକ୍ଷରେ ଜନମତ ସଂଗ୍ରହର ସଂଯୋଜକ ଥିଲା । ଇନ୍ଦ୍ରଜିତ ଗୋସାଲଙ୍କୁ ପୂର୍ବରୁ ମଧ ଗିରଫ କରାଯାଇଥିଲା । ୨୦୨୪ ମସିହାରେ, ତାଙ୍କୁ ଏକ ହିନ୍ଦୁ ମନ୍ଦିରରେ ହିଂସା ଘଟଣାରେ ଗିରଫ କରାଯାଇଥିଲା ଏବଂ ପରେ ତାଙ୍କୁ କେତେକ ସର୍ତ୍ତ ସହ ମୁକ୍ତ କରାଯାଇଥିଲା । ଏବେ ହୋଇଥିବା ଇନ୍ଦ୍ରଜିତର ଗିରଫଦାରୀ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଭାରତ ଏବଂ କାନାଡା ମଧ୍ୟରେ ଜାତୀୟ ସୁରକ୍ଷା ସ୍ତରୀୟ ବୈଠକ ପରେ ଖଲିସ୍ତାନୀମାନଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ । ଭାରତର ଏନଏସଏ ଅଜିତ ଡୋଭାଲ କାନାଡା ସରକାରଙ୍କୁ ଖଲିସ୍ତାନୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାପ ପକାଇଥିଲେ ।

## ଟ୍ରମ୍ପଙ୍କ ଟାରିଫ ଲାଗୁ ହେବା ପରେ ପ୍ରଥମ ଥର ରୁବିଓଙ୍କୁ ଭେଟିବେ ଜୟଶଙ୍କର

**ୱାଶିଂଟନ, ୨୨।୯:** ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ସୋମବାର ଦୁଇ ନେତା ନ୍ୟୁୟର୍କରେ ଦ୍ୱିପାକ୍ଷିକ ବୈଠକ କରିବେ । ଆମେରିକା ପରାମର୍ଶଦାତାଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ ଆମେରିକା ଏବଂ ଭାରତର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ବୈଠକ ବିଷୟରେ ସୂଚନା ଦିଆଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି, ଏହି ବୈଠକ ବହୁତ ଗୁରୁତ୍ୱ ରଖୁଛି । ଦୁଇ ନେତା ଶୁଳ୍କ ଏବଂ ଅନ୍ୟାନ୍ୟ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା



କରିବେ । ଆଶା କରାଯାଉଛି ଯେ ଏହି ବୈଠକ ସମସ୍ୟାଗୁଡ଼ିକର ସମାଧାନ କରିବଭାରତ ଉପରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ୫୦ ପ୍ରତିଶତ ଟାରିଫ ଲାଗୁ କରିବାର ନିଷ୍ପତ୍ତି ପରେ ଏହା ମାର୍କୋ ରୁବିଓଙ୍କ ସହ ଏସ. ଜୟଶଙ୍କରଙ୍କର ପ୍ରଥମ ସାକ୍ଷାତ । ଏହି ଶୁଳ୍କ ନିଷ୍ପତ୍ତି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଛି । ରୁବିଓଙ୍କ ନିମନ୍ତ୍ରଣରେ ଜୟଶଙ୍କର ପୂର୍ବରୁ ଜୁନ୍ ୩୦ ରୁ ଜୁଲାଇ ୨ ପର୍ଯ୍ୟନ୍ତ ଆମେରିକା ଗସ୍ତ କରିଥିଲେ । ଏସ. ଜୟଶଙ୍କର ଏବଂ ମାର୍କୋ ରୁବିଓଙ୍କ ମଧ୍ୟରେ ସାକ୍ଷାତ ଏମିତି ସମୟରେ ହେଉଛି ଯେତେବେଳେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଆରମ୍ଭ ହେଉଛି । ସୋମବାର ୱାଶିଂଟନରେ ମନ୍ତ୍ରୀସ୍ତରୀୟ ବାଣିଜ୍ୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ ତାଙ୍କ ପ୍ରତିନିଧିମଣ୍ଡଳ ସହିତ ଆମେରିକାରେ ପହଞ୍ଚିଛନ୍ତି । ଉଭୟ ପକ୍ଷ ମତଭେଦ ଦୂର କରିବାକୁ ଏବଂ ଏକ ଲାଭଦାୟକ ବାଣିଜ୍ୟ ଚୁକ୍ତିନାମା ଆଡକୁ ଅଗ୍ରସର ହେବାକୁ ଚେଷ୍ଟା କରିବେ ।

# ଧର୍ମ ପଚାରି ନୁହେଁ କର୍ମ ଦେଖି ମାରୁ

**ନୂଆଦିଲ୍ଲୀ, ୨୨।୯:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ପ୍ରମୁଖ ମୁସଲିମ ରାଷ୍ଟ୍ର ମରକ୍କୋରୁ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ସମୟରେ ଭାରତ ଆତଙ୍କବାଦୀମାନଙ୍କୁ ସେମାନଙ୍କ ଧର୍ମ ଦେଖି ନୁହେଁ, ସେମାନଙ୍କ କାର୍ଯ୍ୟକୁ ଆଧାର କରି ହତ୍ୟା କରିଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସେନା ମେ ୬ ଏବଂ ୭ ତାରିଖ ମଧ ରାତିରେ ପହଲଗାମ ଆତଙ୍କବାଦୀ ଆକ୍ରମଣର କୌଣସି ନାଗରିକ କିମ୍ବା ସାମରିକ ପ୍ରତିଷ୍ଠାନକୁ କ୍ଷତି ନ ପହଞ୍ଚାଇ ଉପଯୁକ୍ତ ଜବାବ ଦେଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବର୍ତ୍ତମାନ ମରକ୍କୋ ଗସ୍ତରେ ଅଛନ୍ତି । ମରକ୍କୋର ଜନସଂଖ୍ୟାର ୯୯ ପ୍ରତିଶତ ମୁସଲମାନ । ମରକ୍କୋର ରାଜଧାନୀ ରବାତରେ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରି ସେ ଭାରତର ଧର୍ମନିରପେକ୍ଷ ପ୍ରକୃତି ଉପରେ ଆଲୋକପାତ କରିଥିଲେ, ଯାହା ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଭେଦଭାବ କରେ ନାହିଁ । ରାଜନାଥ ସିଂହ କହିଛନ୍ତି, ଭାରତର ବିଶେଷତ୍ୱ ଦେଖନ୍ତୁ। ଆତଙ୍କବାଦୀମାନେ ଆମର ଦେଶବାସୀଙ୍କୁ ସେମାନଙ୍କ ଧର୍ମକୁ ଆଧାର କରି ହତ୍ୟା କରିଥିଲେ, କିନ୍ତୁ ଆମେ ସେମାନଙ୍କୁ ସେମାନଙ୍କ ଧର୍ମକୁ ନୁହେଁ, ସେମାନଙ୍କ କାର୍ଯ୍ୟକୁ ଆଧାର କରି ନିପାତ କରିଛୁ। ଭାରତର ଧର୍ମନିରପେକ୍ଷ ପ୍ରକୃତି ଉପରେ ଆଲୋକପାତ କରି ରାଜନାଥ ସିଂହ କହିଛନ୍ତି, କେହି କେଉଁ ଧର୍ମରେ ବିଶ୍ୱାସ କରନ୍ତି ତାହା ସହିତ ଆମର କୌଣସି ସମସ୍ୟା ନାହିଁ । ଆମେ କେବେବି କାହାରି ପ୍ରତି ପକ୍ଷପାତ କରୁନାହୁଁ, ସେମାନଙ୍କର ଧର୍ମ ଯେକୌଣସି ହେଉ ଏହା ଭାରତର ଚରିତ୍ର । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଆମେ କେବଳ ସେମାନଙ୍କୁ ହତ୍ୟା କରିଛୁ ଯେଉଁମାନେ ଆମର ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରିଥିଲେ। ଆମେ କୌଣସି ନାଗରିକ କିମ୍ବା ସାମରିକ ପ୍ରତିଷ୍ଠାନର କ୍ଷତି କରିନାହୁଁ । ରାଜନାଥ ସିଂହ କହିଛନ୍ତି ଯେ ଆମେ ଚାହିଁଥିଲେ, ଆମେ ଯେକୌଣସି ସାମରିକ ପ୍ରତିଷ୍ଠାନ କିମ୍ବା ସାଧାରଣ ଅଞ୍ଚଳକୁ ଟାର୍ଗେଟ କରିପାରିଥାନ୍ତୁ, କିନ୍ତୁ ଆମେ ତାହା କରିନାହୁଁ କାରଣ ଆମକୁ ଭାରତର ଚରିତ୍ର ବଜାୟ ରଖିବାକୁ ପଡିବ । ରାଜନାଥ ସିଂହ ରବିବାରଠାରୁ ଦୁଇ ଦିନିଆ ମରକ୍କୋ ଗସ୍ତରେ ଅଛନ୍ତି । ଏହା କୌଣସି ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରଥମ ମରକ୍କୋ ଗସ୍ତ।



## ନିଜ ଦେଶରେ ଏୟାରଷ୍ଟ୍ରାଇକ୍ କଲା ପାକିସ୍ତାନ

**ଇସଲାମାବାଦ, ୨୨।୯:** ନିଜ ଦେଶରେ ଏୟାରଷ୍ଟ୍ରାଇକ୍ କଲା ପାକିସ୍ତାନ । ପାକିସ୍ତାନୀ ସେନା ନିଜ ନାଗରିକଙ୍କ ଉପରେ ଏୟାରଷ୍ଟ୍ରାଇକ୍ କରିଥିବା ସାମ୍ନାକୁ ଆସିଛି, ଯେଉଁଥିରେ ଶିଶୁ ଏବଂ ମହିଳା ସମେତ ୩୦ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ପାକିସ୍ତାନୀ ବାୟୁସେନା ଭୋର ପ୍ରାୟ ୨ଟା ସମୟରେ ଖେବର ପଖତୁନଖ୍ୱା ପ୍ରଦେଶର ତିରାହ ଉପତ୍ୟକାର ମତ୍ରେ ଦାରା ଗାଁରେ ଜେଏଫ୍-୧୭ ଲଢୁଆ ବିମାନରୁ ଅତି କମରେ ଆଠଟି ଏଲଏସ-୬ ବୋମା ପକାଇଥିଲା, ଯେଉଁଥିରେ ୩୦ରୁ ଅଧିକ ନିରୀହ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ତେବେ ପାକିସ୍ତାନ ସରକାର ଏହି ଆକ୍ରମଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରିନାହାଁନ୍ତି। ତେବେ ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ଶିଶୁ ଥିବା କୁହାଯାଉଛି। ଏହା ସହ ୨୦ରୁ ଅଧିକ ଲୋକ ଆହତ



ହୋଇଥିବା ସୂଚନା ମିଳିଛି। ବୋମା ବିସ୍ଫୋରଣରେ ଗାଁର ଏକ ବଡ଼ ଅଂଶ ନଷ୍ଟ ହୋଇଯାଇଛି ଏବଂ ସବୁଠି ମୃତଦେହ ବିଛାଡ଼ି ପଡ଼ିଛି। ସ୍ଥାନୀୟ ବାସିନ୍ଦା ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଗାଁର ଲୋକମାନେ ଶୋଇଥିବା ସମୟରେ ଜୋରରେ ବିସ୍ଫୋରଣର ଶବ୍ଦ ଶୁଭିଥିଲା । ବୋମା ମାଡ଼ ଏତେ ତୀବ୍ର ଥିଲା ଯେ ଗାଁର ଏକ ବଡ଼ ଅଂଶ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ଗାଁର ରାସ୍ତା ହୋଇଯାଇଥିବାରୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇଥିବା ଜଣାଯାଇଛି। ବୋମା ବିସ୍ଫୋରଣ ପରେ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ସ୍ଥାନୀୟ ଲୋକମାନେ ନିଜେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ନିଖୋଜ ଲୋକଙ୍କୁ ଖୋଜୁଛନ୍ତି।

# ଆମେରିକା ଯିବେ ଗୋୟଲ

**ନୂଆଦିଲ୍ଲୀ, ୨୨।୯:** ଆମେରିକା ସହ ବାଣିଜ୍ୟ ରାଜିନାମା ସମ୍ପର୍କରେ ଆଲୋଚନା କରିବା ପାଇଁ ଆସନ୍ତାକାଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକା ଗସ୍ତ କରିବେ । ତାଙ୍କ ସହ ଏକ ପ୍ରତିନିଧି ଦଳ ବି ଯିବ । ପ୍ରତିନିଧି ଦଳ ଆମେରିକା ପ୍ରତିନିଧିମାନଙ୍କ ସହ ଆଲୋଚନାକୁ ଆଗକୁ ବାଢିବା ଲାଗି କଥାବାର୍ତ୍ତା କରିବେ । ଗୋୟଲ ନ୍ୟୁୟର୍କ ଯିବେ ଓ ତାଙ୍କ ସହ ଭାରତ ତରଫରୁ ମୁଳଚାଲ କରୁଥିବା ମୁଖ୍ୟ ବ୍ୟକ୍ତି ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ରହିବେ । ଚଳିତ ମାସ ୧୬ରେ ଆମେରିକାର ଏକ ପ୍ରତିନିଧି ଦଳ ଭାରତ ଆସି କଥାବାର୍ତ୍ତା କରିଥିଲେ । ସେହି ଧାରାକୁ ଆଗକୁ ବାଢିବା ଲାଗି ଗୋୟଲ ଆମେରିକା ଯାଉଛନ୍ତି । ଭାରତ ଉପରେ ଆମେରିକା ଦୁଇଟି ପର୍ଯ୍ୟାୟରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ଏଥି ସହିତ ନିକଟରେ ଏଚ୍-୧ବି ଭିସା ଆବେଦନ ଫି’କୁ ହଠାତ ୧ ଲକ୍ଷ ଡଲାରକୁ ବୃଦ୍ଧି କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଦୁଇ ନିଷ୍ପତ୍ତି ଭାରତକୁ ଗୁରୁତର ପ୍ରଭାବିତ କରିଛି । ତେଣୁ ଆଲୋଚନା ଜରିଆରେ ଚାପ କୋହଳ କରିବାକୁ ଭାରତୀୟ ପ୍ରତିନିଧିମାନେ ଉଦ୍ୟମ କରିବେ। ଚଳିତ ବର୍ଷ ଫେବୃଆରିରେ ଦୁଇ ଦେଶ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା କରିବା ଲାଗି ଆଲୋଚନା କରିବାକୁ ସହମତ ହୋଇଥିଲେ । ସେହି ଆଲୋଚନାକୁ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଗତ ଏପ୍ରିଲ୍ ୨ରେ ଟ୍ରମ୍ପ ଭାରତ ସମେତ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇଥିଲେ । ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗିଥିଲା । ୟୁକ୍ରେନ୍ ସହ ଯୁଦ୍ଧ କରୁଥିବା ରୁଷାରୁ ତେଲ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲେ । ଫଳରେ ଗତ ଅଗଷ୍ଟ ୨୭ଠାରୁ ଭାରତ ଉପରେ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି । ପୂର୍ବରୁ ହୋଇଥିବା ଆଲୋଚନା ସମୟରେ ଭାରତର କୃଷିଜାତ ଓ ଦୁଗ୍ଧଜାତ ବଜାରରେ ପ୍ରବେଶ କରିବାକୁ ଆମେରିକା ଜିଦ୍ ଧରିଥିଲା । ଭାରତ କିନ୍ତୁ ସେଥିରେ ରାଜି ହୋଇନଥିଲା। ତେଣୁ ଅଧା ବାଟରେ ଆଲୋଚନା ଅଟକିଯାଇଥିଲା ।



## ଗାଜାରେ ଇସ୍ରାଏଲର ପ୍ରଚଣ୍ଡ ଏୟାର ଷ୍ଟ୍ରାଇକ

**ନୂଆଦିଲ୍ଲୀ, ୨୨।୯:** ଗାଜା ସହରରେ ଇସ୍ରାଏଲର ପ୍ରଚଣ୍ଡ ଏୟାର ଷ୍ଟ୍ରାଇକ୍ ଜାରି ରହିଛି । ଗତକାଲିଠାରୁ ଆକ୍ରମଣର ତୀବ୍ରତା ବଢିଥିବା ବେଳେ ୨୪ ଘଣ୍ଟା ମଧ୍ୟରେ ଶତାଧିକ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଛି । ଏହା ଚଳିତ ଯୁଦ୍ଧରେ ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଇଛି । ଏହି ଆକ୍ରମଣରୁ ଆବାସିକ ଅଞ୍ଚଳ, ବିସ୍ଥାପିତଙ୍କ ଶିବିର ଓ ସାଧାରଣ ନାଗରିକଙ୍କ ଗାଡ଼ି ମଧ ବର୍ତ୍ତି ନାହିଁ । ଏଭଳି ଆକ୍ରମଣ ଗାଜାରେ ମାନବୀୟ ସଙ୍କଟକୁ ଆହୁରି ଗଭୀର କରିଛି । ସପ୍ତାହେ ହେଲା ଇସ୍ରାଏଲର ସ୍ଥଳ ଅଭିଯାନ ତୀବ୍ର ହେବା ପରେ ୪.୫ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି । ଆଲ୍-ଶିଫା ହସ୍ପିଟାଲର ନିର୍ଦ୍ଦେଶକ ମହମ୍ମଦ ଆବୁ ସାଲମିୟାଙ୍କ ଭାଇ, ଭାଉଜ ଓ ସେମାନଙ୍କ ସନ୍ତାନମାନେ ଏହି ଆକ୍ରମଣରେ ନିହତ ହୋଇଛନ୍ତି । ଏକ ଟ୍ରକ୍ରେ ପଳାୟନ କରୁଥିବା ଲୋକଙ୍କ ଉପରେ ବୋମାମାଡ଼ ଯୋଗୁଁ ୨୦ରୁ ଅଧିକ ନିହତ ହୋଇଛନ୍ତି । ପାଲେଷ୍ଟାଇନ ସିଭିଲ ଡିଫେନ୍ସ ଏଜେନ୍ସି କହିଛି, ବିପଜ୍ଜନକ ପରିସ୍ଥିତି ଯୋଗୁଁ ଆହତ ଓ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡ଼ିଛି । ଇସ୍ରାଏଲ ଏବେ ବିସ୍ଫୋରକ ରୋବଟ ବ୍ୟବହାର କରୁଛି, ଯାହା ସମ୍ପୂର୍ଣ୍ଣ ଅଞ୍ଚଳକୁ ଧ୍ୱଂସ କରିବାରେ ଲାଗିଛି ବୋଲି କେତେକ ଏନ୍ଜିଓ ଦାବି କରିଛନ୍ତି । ଡାକ୍ତରମାନେ ସହର ଛାଡ଼ିବାକୁ ବାଧ ହେଉଥିବାରୁ ଆଗକୁ ଅତି ଭୟାନକ ସ୍ଥିତି ଉପୁଜିବ ବୋଲି ଜାତିସଂଘ ମଧ ସତର୍କ କରାଇ ଦେଇଛି । ଅନ୍ୟ ପକ୍ଷରେ ତେଲ୍ ଅଭିଭରେ ହଜାର ହଜାର ଜନତା ଶାନ୍ତି ଓ ପଣବନ୍ଦୀଙ୍କୁ ଖଲାସ ଦାବିରେ ବିକ୍ଷୋଭ କରିଛନ୍ତି ।

## ତାଲିବାନ ବିଶ୍ୱବିଦ୍ୟାଳୟରୁ ହଟିବ ମହିଳାଙ୍କ ଲିଖିତ ପୁସ୍ତକ

**ନୂଆଦିଲ୍ଲୀ, ୨୨।୯:** ଆଫଗାନିସ୍ତାନରେ ତାଲିବାନ ସରକାର ମହିଳାଙ୍କ ଲିଖିତ ପୁସ୍ତକ ପଢାଯିବା ଉପରେ ରୋକ ଲଗାଇଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ବହିକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ତାଲିବାନ ସରକାର ମୋଟ ୬୭୯ଟି ପୁସ୍ତକ ଉପରେ ରୋକ ଲଗାଇଛନ୍ତି। ସେଥିମଧ୍ୟରୁ ପ୍ରାୟ ୧୪୦ଟି ପୁସ୍ତକକୁ ମହିଳାମାନେ ଲେଖିଛନ୍ତି । ଏହି ପୁସ୍ତକଗୁଡ଼ିକ ତାଲିବାନ୍ର ନୀତି ଓ ଶରିଆ ବିରୋଧୀ ହୋଇଥିବା ଅଧିକାରୀମାନେ କହିଛନ୍ତି । ଉଚ୍ଚ ଶିକ୍ଷା ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ଧାର୍ମିକ ବିଦ୍ୱାନ ଓ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ନିଆଯାଇଥିବା ଦର୍ଶାଇଛି । ମହିଳାଙ୍କ ଲିଖିତ ପୁସ୍ତକ ବ୍ୟତୀତ ଇରାନୀ ଲେଖକ ଓ ପ୍ରକାଶକଙ୍କ ପୁସ୍ତକ ଉପରେ ବି ସେଠାରେ ବ୍ୟାନ୍ ଲାଗିଛି । ସେପଟେ ତାଲିବାନ ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି । ଦେଶର ପୂର୍ବତନ ଉପମନ୍ତ୍ରୀ ଓ ଲେଖିକା ଜାକିୟା ଅଦେଲି କହିଛନ୍ତି, ଏହି ନିଷ୍ପତ୍ତି ତାଙ୍କୁ ଆଶ୍ଚର୍ଯ୍ୟ କଲାନାହିଁ । ତାଲିବାନ୍ର ନୀତି ପ୍ରଥମ ଦିନରୁ ମହିଳା ବିରୋଧୀ ରହିଆସିଛି । ଯଦି ମହିଳାଙ୍କୁ ପଢିବାକୁ ଅନୁମତି ନାହିଁ, ତେବେ ସେମାନଙ୍କ ବିଚାର ଓ ଲେଖାକୁ ମଧ ସ୍ଥାନ ଦିଆଯିବ ନାହିଁ ଏହା ସିଧାସଳଖ କଥା । ଅଦେଲିଙ୍କ ପୁସ୍ତକ ମଧ ବ୍ୟାନ୍ ହୋଇଥିବା ବହି ତାଲିକାରେ ରହିଛି ।

### ଉତ୍ତରପ୍ରଦେଶ ସରକାରଙ୍କ ବଡ଼ ନିଷ୍ପତ୍ତି

# ଜାତିଭିତ୍ତିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ବନ୍ଦ

**ନୂଆଦିଲ୍ଲୀ, ୨୨।୯** ଉତ୍ତରପ୍ରଦେଶ ସରକାର ସୋମବାରଠୁ ରାଜ୍ୟର ସମସ୍ତ ଅଞ୍ଚଳରେ ଜାତିଭିତ୍ତିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛନ୍ତି। ଯାହା ମଧ୍ୟରେ ପୋଲିସ ରେକର୍ଡ ଓ ସର୍ବସାଧାରଣ ସ୍ଥାନରେ ନିଜ ଜାତି ବିଷୟରେ କୌଣସି ପ୍ରକାର ଉଲ୍ଲେଖ ହୋଇପାରିବ ନାହିଁ । ଆହ୍ଲାବାଦ ହାଇକୋର୍ଟ ରାଜ୍ୟରେ ଜାତିଆଣ ଆକ୍ଷେପ ବୃଦ୍ଧି ପାଉଥିବା ନେଇ ମନ୍ତବ୍ୟ ଦେବା ପରେ ଯୋଗୀ ସରକାର ଏହି ନୂଆ ନିୟମ ଲାଗୁ କରିଛନ୍ତି। ଏନେଇ ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ ଦୀପକ କୁମାର ଏକ ଆଧିକାରିକ ପତ୍ର ଜାରି କରିଛନ୍ତି। ଯେଉଁଥିରେ ସମସ୍ତ ବିଭାଗକୁ ସୂଚନା ଦିଆଯାଇ ଉଲ୍ଲେଖ ରହିଛି ଯେ ଏଣିକି ପ୍ରାଥମିକ ତଦନ୍ତ ରିପୋର୍ଟ, ଗିରଫ ପରୱାନା ସହ ସମସ୍ତ ପୋଲିସ ନଥିପତ୍ରରେ ସଂନ୍ଧିଗ୍ଧଙ୍କ ପରିଚୟ ପାଇଁ ସେମାନଙ୍କ ଜାତି ବଦଳରେ ସେମାନଙ୍କ ପିତାମାତାଙ୍କ ନାମ ଉଲ୍ଲେଖ ରହିବ । ଏହାସହ ପୋଲିସ ନୋଟିସ ବୋର୍ଡ, ଗାଡି ଓ ସାଇନ ବୋର୍ଡରେ ଲାଗିଥିବା ବିଭିନ୍ନ ଜାତିଗତ ଚିହ୍ନ, ଷ୍ଟିକର, ସ୍ଲୋଗାନ ଓ ସୁପାରିଶ ଆଦିକୁ ତତ୍କାଳ ପ୍ରଭାବରେ ହଟାଇବାକୁ ଏହି ପତ୍ରରେ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ହେଉଥିବା ଜାତିଗତ ରାଲି ଉପରେ ମଧ ପ୍ରତିବନ୍ଧକ ଲଗାଯାଇଛି । ଏହାଛଡା ବିଭିନ୍ନ ସାମଜିକ ଗଣମାଧ୍ୟମରେ ହେଉଥିବା ଜାତିଆଣ ଆକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୋଲିସକୁ ଆଦେଶ ଜାରି କରାଯାଇଛି। ସରକାର ସ୍ପଷ୍ଟ କରିଛନ୍ତି ଯେ ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଅନୁଯାୟୀ ଦାୟର ହୋଇଥିବା ମାମଲାରେ ଏହି ନିୟମ ଲାଗୁ ହେବ ନାହିଁ । କାରଣ ଏପରି ମାମଲାରେ ଜାତି ଚିହ୍ନଟ କରିବା ପାଇଁ ଆଇନଗତ ଆବଶ୍ୟକତା ରହିଛି। ତେବେ ହାଇକୋର୍ଟ ଶୁଣାଣି ଆଧାରରେ ଆଗରୁ ପ୍ରଚଳିତ ନିୟାମକରେ ସଂଶୋଧନ କରାଯାଇ ବହୁ ଜଲଦି ଏନେଇ ନୂଆ ମାର୍ଗଦର୍ଶିକା(SOP) ଓ ପୋଲିସ ମାନୁଆଲ ଜାରି କରାଯିବା ନେଇ ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏନେଇ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି। ଏନେଇ ସେ କହିଛନ୍ତି ଯେ, ସରକାର ଏ ଦିଗରେ ପ୍ରଶାସନିକ ଦିଗରେ ରହିତାଦେଶ ଲଗାଇଲେ କଣ ହେବ, ଏହା ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି। ୫୦୦ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ଘୃଣ୍ୟ ପ୍ରଥା ପାଇଁ ବର୍ତ୍ତମାନ ସରକାରଙ୍କ ଚେତା ପଶିଲା । ବର୍ତ୍ତମାନ ବି ଏମିତି ଅନେକ ଜଣ ଅଛନ୍ତି ଯେଉଁମାନଙ୍କ ସାଙ୍ଗିଆ ଶୁଣି ସମାଜର ଅନେକ ଲୋକ ସେମାନଙ୍କୁ ନେଇ ସମାଲୋଚନା କରିଥାନ୍ତି। ଏନେଇ ସମାଜରେ ସଚେତନତା ଜାରି ହେବାର ଆବଶ୍ୟକତା ରହିଛି।



# ରୁଷୀୟ ଯୁଦ୍ଧ ବିମାନ ଖସାଇବ ନାଟୋ !

**ନୂଆଦିଲ୍ଲୀ, ୨୨।୯** ରୁଷ ଏବେ ୟୁକ୍ରେନ ବାହାରେ ତା’ର ଆକ୍ରମଣକୁ ବିସ୍ତାର କରିବା ଆରମ୍ଭ କରିଛି । ରୁଷର ଡ୍ରୋନଗୁଡ଼ିକ ଏବେ ୟୁରୋପୀୟ ଦେଶଗୁଡ଼ିକର ଆକାଶରେ ମଧ ଦୃଶ୍ୟମାନ ହେଉଛି। ରୁଷର ଏହି କାର୍ଯ୍ୟ ପରେ, ନାଟୋ ଦେଶଗୁଡ଼ିକ ଏକଜୁଟ୍ ହୋଇଛନ୍ତି ଓ ରୁଷ ବିରୁଦ୍ଧରେ ମିଳିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛନ୍ତି । ନାଟୋ ଆକାଶ ସୀମାରେ ପ୍ରବେଶ କରୁଥିବା ଯେକୌଣସି ରୁଷୀୟ ଯୁଦ୍ଧ ବିମାନକୁ ଗୁଳି କରି ଖସାଇ ଦିଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଷ୍ଟୋନିଆରେ ପ୍ରବେଶ କରିଥିବା ଏକ ରୁଷୀୟ ଯୁଦ୍ଧ ବିମାନକୁ ଗୁଳି କରି ଖସାଇ ଦିଆଯିବାର ଯୋଜନା କରାଯାଇଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ଫେରିବାକୁ ଅନୁମତି ଦିଆଯାଇଥିଲା। ସେପ୍ଟେମ୍ବର ମାସରେ ରୁଷ କେବଳ ୟୁକ୍ରେନରେ ନୁହେଁ ବରଂ ଏଷ୍ଟୋନିଆ, ରୋମାନିଆ ଓ ପୋଲାଣ୍ଡରେ ମଧ ବିମାନ ଆକ୍ରମଣ କରିଛି । ପୋଲାଣ୍ଡରେ ପ୍ରବେଶ କରିଥିବା ଏକ ରୁଷୀୟ ବିମାନକୁ ଗୁଳି କରି ଖସାଇ ଦେବା ପାଇଁ ବ୍ରିଟେନ ମଧ ତାର ଯୁଦ୍ଧ ବିମାନ ପଠାଇଥିଲା । ସେପ୍ଟେମ୍ବର ୧୦ ତାରିଖରେ ରୁଷ ପୋଲାଣ୍ଡର ଆକାଶ ଉପରେ ତାର ଡ୍ରୋନ ଉଡ଼ାଇଥିଲା । ରିପୋର୍ଟ ଅନୁସାରେ, ୧୯ଟି ରୁଷୀୟ ଡ୍ରୋନ ପୋଲାଣ୍ଡରେ ପ୍ରବେଶ କରିଥିଲା, ଏହା ପରେ ରାଫେଲ ସମେତ ଅନେକ ଲଢୁଆ ବିମାନ ଡ୍ରୋନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ସେପ୍ଟେମ୍ବର ୧୩ ତାରିଖରେ ରୋମାନିଆରେ ସମାନ ଘଟଣା ଘଟିଥିଲା, ଯେଉଁଠାରେ ଏକ ରୁଷୀୟ ଡ୍ରୋନକୁ ଅଟକାଇବା ପାଇଁ ଏଫ-୧୬ ବିମାନ ନିୟୋଜିତ କରାଯାଇଥିଲା। ସେପ୍ଟେମ୍ବର ୧୯ ତାରିଖରେ, ଏକ ରୁଷୀୟ ଯୁଦ୍ଧ ବିମାନ ଏଷ୍ଟୋନିଆନ ଆକାଶ ସୀମାରେ ପ୍ରବେଶ କରି ଉତ୍ତେଜନା ସୃଷ୍ଟି କରିଥିଲା ।

# ଏୟାର ଇଣ୍ଡିଆ ବିମାନକୁ ହାଇଜାକ୍ ଉଦ୍ୟମ !

**ନୂଆଦିଲ୍ଲୀ, ୨୨।୯** ଭାରତରେ ବିମାନ ହାଇଜାକ୍ ଉଦ୍ୟମ ପଣ୍ଡ । ଜଣେ ଯାତ୍ରୀ କକପିଟର ଦ୍ୱାର ଖୋଲିବାକୁ ଚେଷ୍ଟା କରିବା ପରେ ବିମାନ ହାଇଜାକ୍ ନେଇ ସନ୍ଦେହ ବଢ଼ିଥିଲା । ହେଲେ ବିମାନର ପାଇଲଟଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ଉଭୟ ବିମାନ ଏବଂ ଯାତ୍ରୀ ସୁରକ୍ଷିତ ଅଛନ୍ତି । ବେଙ୍ଗାଲୁରୁରୁ ବାରଣାସୀ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି । ଜଣେ ଯାତ୍ରୀ କକପିଟ୍ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ପାଇଲଟ୍ କକପିଟ୍ ଦ୍ୱାର ଖୋଲି ନଥିଲେ । ସଂପୃକ୍ତ ଯାତ୍ରୀଙ୍କ ସମେତ ଅନ୍ୟ ୮ ଜଣ ଯାତ୍ରୀ ଏହି ବିମାନରେ ଥିଲେ । ବିମାନ ଅବତରଣ ପରେ ପାଇଲଟଙ୍କ ଅଭିଯୋଗ କ୍ରମେ ସମସ୍ତ ୯ ଜଣ ଯାତ୍ରୀଙ୍କୁ ସିଆଇଏସ୍ଏଫ ଅଟକ ରଖିଛି । ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, ‘ଆମେ ଗଣମାଧ୍ୟମ ରିପୋର୍ଟରୁ ଘଟଣା ସଂପର୍କରେ ସୂଚନା ପାଇଥିଲୁ। ଜଣେ ଯାତ୍ରୀ ଶୌଚାଳୟ ଖୋଜିବା ସମୟରେ କକପିଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ଆମେ ଜନସାଧାରଣଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛୁ ଯେ, ବିମାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ କୌଣସି ପ୍ରକାରର ତ୍ରୁଟି ହୋଇନାହିଁ । ଅବତରଣ ସମୟରେ ଏହି ଘଟଣା କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯାଇଥିଲା । ବର୍ତ୍ତମାନ ଏହି ଘଟଣାର ତଦନ୍ତ ଚାଲିଛି ।’ସେପଟେ ଯାତ୍ରୀ ଜଣକ କାହିଁକି କକପିଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ IX-୧୦୮୬ ସକାଳ ୮ ଟାରେ ବେଙ୍ଗାଲୁରୁରୁ ଉଡ଼ାଣ ଭରିଥିଲା । ବିମାନଟି ବାରଣାସୀରେ ଅବତରଣ କରିବା ପରେ, ଅଭିଯୁକ୍ତ ଯାତ୍ରୀମାନଙ୍କୁ ସିଆଇଏସଏଫକୁ ହସ୍ତାନ୍ତର କରାଯାଇଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ, ଜଣେ ଯାତ୍ରୀ କକପିଟ୍ କ୍ୟାବିନ ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ । ପାସକୋଡ୍ ମାରିବା କ୍ଷଣି ପାଇଲଟଙ୍କ ପାଖରେ ସିଗନାଲ୍ ପହଞ୍ଚିଥିଲା । ଯେତେବେଳେ ପାଇଲଟ୍ ସିସିଟିଭି ଫୁଟେଜ୍ ଦେଖିଲେ , ସେ ହାଇଜାକ୍ ହେବାର ଆଶଙ୍କା କଲେ ଏବଂ ଦ୍ୱାର ଖୋଲିଲେ ନାହିଁ । ତେବେ ଯାତ୍ରୀ କକପିଟ୍ ପାସକୋଡ୍ କିପରି ଜାଣିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କକପିଟ୍ ଦ୍ୱାର ଖୋଲିବାକୁ ଚେଷ୍ଟା କରୁଥିବା ଯାତ୍ରୀ ପ୍ରଥମ ଥର ପାଇଁ ବିମାନରେ ଯାତ୍ରା କରୁଥିଲେ । ଯେତେବେଳେ ତାଙ୍କୁ ପଚରାଗଲା ଯେ, ସେ ଏପରି କାହିଁକି କଲେ ? ସେ କହିଥିଲେ ଯେ, ସେ ଶୌଚାଳୟ ଭାବି କକପିଟ୍ ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ବିମାନର କ୍ରୁ ସଦସ୍ୟ ତାଙ୍କୁ ଏହା ଶୌଚାଳୟ ନୁହେଁ କକପିଟ୍ ବୋଲି କହିବା ପରେ ପଛକୁ ହଟିଯାଇଥିଲେ ବୋଲି ଯାତ୍ରୀ ଜଣକ କହିଛନ୍ତି ।

### ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

# କେନ୍ଦ୍ର ସରକାର ଓ ଡିଜିସିଏଙ୍କୁ ଜବାବ୍ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯** ଜୁନ୍ ୧୨ ତାରିଖରେ ଅହମ୍ମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିଛନ୍ତି। ସୁପ୍ରିମକୋର୍ଟ ପ୍ରାରମ୍ଭିକ ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଏଡିଇ), ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଏବଂ କେନ୍ଦ୍ର ସରକାରଙ୍କଠାରୁ ଜବାବ୍ ମାଗିଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଏହା ଉଲ୍ଲେଖ କରିବା ଉଚିତ୍ ଯେ ଏହି ମାମଲାର ପ୍ରାଥମିକ ରିପୋର୍ଟରେ ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦାୟୀ କରାଯାଇଥିଲା । ଏପରି ମନ୍ତବ୍ୟ ଦୁର୍ଭାଗ୍ୟଜନକ ।ଜଷ୍ଟିସ୍ କାନ୍ତ କହିଛନ୍ତି ଯେ, ଏକ ନିରପେକ୍ଷ ତଦନ୍ତ ଜରୁରୀ, କିନ୍ତୁ ଏତେ ବିବରଣୀ କାହିଁକି ସାର୍ବଜନୀନ କରାଯିବ ? ଭୂଷଣ ଉତ୍ତର ଦେଇଥିଲେ ଯେ ଫ୍ଲାଇଟ୍ ଡାଟା ରେକର୍ଡର୍ (FDR)ତ୍ରୁଟି ରେକର୍ଡ କରେ । ଏହି ସୂଚନାକୁ ଲୁଚାଇବା ଠିକ୍ ନୁହେଁ । ସାର୍ବଜନୀନ ଭାବରେ ସୂଚନା ପ୍ରକାଶ କରିବା ଅନୁଚିତ ହେବ । ରିପୋର୍ଟରେ ଗୋଟିଏ ଲାଇନ ପାଇଲଟ୍ଙ୍କୁ ଦାୟୀ କରାଯାଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ମାମଲା ସହିତ ଜଡିତ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ସେଥିରେ ଦାବି ହୋଇଛି ଯେ ତଦନ୍ତ ନୀରପେକ୍ଷ ହେଉ ଏବଂ ଯଥାଶୀଘ୍ର ସମାପ୍ତ ହେଉ । ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଉପସ୍ଥିତ ଥିଲେ । ସେ କହିଥିଲେ ଯେ ଦୁର୍ଘଟଣାର ୧୦୦ ଦିନରୁ ଅଧିକ ସମୟ ବିତିଯାଇଛି, ଏବଂ କେବଳ ଏକ ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟରେ କାରଣ ସ୍ପଷ୍ଟ କରାଯାଇ ନାହିଁ କିମ୍ବା ଯାତ୍ରୀ ସୁରକ୍ଷା ପାଇଁ କୌଣସି ପରାମର୍ଶ ଦିଆଯାଇ ନାହିଁ । ତଦନ୍ତକାରୀ ଦଳରେ ପାଞ୍ଚ ଜଣ ସଦସ୍ୟ ଅଛନ୍ତି, ଯାହାଙ୍କ ମଧ୍ୟରୁ ତିନି ଜଣ ଡିଜିସିଏ ଅଧିକାରୀ, ଯେତେବେଳେ ଡିଜିସିଏର ଭୂମିକା ନିଜେ ତଦନ୍ତାଧୀନ । ଏହା ଦ୍ୱନ୍ଦ୍ୱ ସୃଷ୍ଟି କରେ । ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା କ’ଣ ? ୧୨ ଜୁନ୍, ୨୦୨୫ରେ ଗୁଜରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁଃଖଦ ଘଟଣା ଦେଶର ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣା ମଧ୍ୟରୁ ଗୋଟିଏ, ଯେଉଁଥିରେ ୨୬୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ପ୍ରାଥମିକ ତଦନ୍ତ ରିପୋର୍ଟରେ ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦାୟୀ କରାଯାଇଥିଲା ।





## ମାରିଟାଇମ ଅମୃତକାଳ ଭିଜନ ୨୦୪୭—

# ଧାମରା ପୋର୍ଟ ପରିସରରେ 'ସମୁଦ୍ରରୁ ସମୃଦ୍ଧି' କାର୍ଯ୍ୟକ୍ରମ

ଧାମରା, ୨୨।୯ (ନି.ପ୍ର) : ମାରିଟାଇମ ଅମୃତକାଳ ୨୦୪୭ ଅନ୍ତର୍ଗତ ଗୁଜରାଟଠାରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଗରିମାମୟ ଉପସ୍ଥିତିରେ 'ସମୁଦ୍ର ରୁ ସମୃଦ୍ଧି' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ନୌବାଣିଜ୍ୟ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ଉପସ୍ଥିତିକୁ ଜାହିର କରିବା ସହ ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଭାରତ ସରକାର ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ 'ଚିପ୍ସ ଅର୍ ସିପ୍ସ- ୱି ମଷ୍ଟ ମେକ୍ ଦେମ୍ ଇନ୍ ଇଣ୍ଡିଆ' । ଅର୍ଥାତ ଚିପ୍ସ ହେଉ ଅଥବା ସିପ୍ (ଜାହାଜ) -ଆମେ ଭାରତରେ ପ୍ରସ୍ତୁତ କରିବୁ । ଭାରତର ଉପକୂଳ ସୀମା ଭବିଷ୍ୟତରେ ଦେଶର ସମୃଦ୍ଧିର ପ୍ରବେଶ ଦ୍ୱାର ହେବ ବୋଲି ପ୍ରଧାନମନ୍ତ୍ରୀ ବକ୍ତବ୍ୟ ରଖିଥିଲେ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମଟିକୁ ଲକ୍ଷ୍ୟ ରଖି ଧାମରା ପୋର୍ଟର ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ଅତିରିକ୍ତ ଜିଲାପାଳ, ଭାରତ ସରକାରଙ୍କ ଇମିଗ୍ରେସନ ଓ କଷ୍ଟମ ବିଭାଗର ବହୁ ଉଚ୍ଚପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳ ତଥା ପଡ଼ୋଶୀ ରାଜ୍ୟ ସହିତ ନୌବାଣିଜ୍ୟ ସମ୍ବନ୍ଧୀୟ ମୁଖ୍ୟ ନୀତି, ବିଭିନ୍ନ ପ୍ରକଳ୍ପ , ସାମୁଦ୍ରିକ କ୍ଷେତ୍ରରେ ଉନ୍ନତି ଓ ଅମୃତକାଳ ଭିଜନ-୨୦୪୭ ବିଷୟରେ ସିଧା ପ୍ରସାରଣ କରାଯାଇଥିଲା ।



# ଆଧୁନିକ ଜୀବନଶୈଳୀ ପାଇଁ ଆୟୁର୍ବେଦର ଉପକାରୀତା

ଭୁବନେଶ୍ୱର,୨୨।୯ (ନି.ପ୍ର) : ଜୀବନର ପ୍ରାଚୀନ ବିଜ୍ଞାନକୁ ସ୍ୱୀକୃତି ଦେବା ଓ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖରେ ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯାଇଥାଏ । ଏଥିପାଇଁ ଆୟୁର୍ବେଦରେ ଶୀଘ୍ର ଉଠିବା, ଯୋଗ ଓ ଧ୍ୟାନ କରିବା, ସାତ୍ୱିକ ଖାଦ୍ୟ ଖାଇବା ଓ ଆଲମଣ୍ଡ ଭଳି ପୋଷଣଯୁକ୍ତ ଖାଦ୍ୟ ବିକଳ୍ପକୁ ଚୟନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଆୟୁର୍ବେଦ ବିଶେଷଜ୍ଞ ଡା. ମଧୁମିତା କ୍ରିଷ୍ଣନ ଆୟୁର୍ବେଦ ସହ ଜଡିତ ବିଭିନ୍ନ ଅଭ୍ୟାସ ଓ ସେଗୁଡିକ କିଭଳି ଆଜିର ଗତିଶୀଳ ଦୁନିଆରେ ଆମକୁ ଲାଭ ଦେଇପାରିବ ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରି କହିଛନ୍ତି ଯେ, ବ୍ରହ୍ମ ମୁହୂର୍ତ୍ତ ସମୟରେ (ସୂର୍ଯ୍ୟୋଦୟର ଏକ ଘଂଟା ପୂର୍ବରୁ) ନିଦ୍ରା ତ୍ୟାଗ କରିବା ଜଣେ ବ୍ୟକ୍ତିଙ୍କ ଆୟୁଷ ବୃଦ୍ଧି କରିବା ସହ ରୋଗରୁ ଦୂରେଇ ରଖିଥାଏ ବୋଲି ବିଶ୍ୱାସ ରହିଛି । ଏହା ସ୍ୱଚ୍ଛତା, ଶୃଙ୍ଖଳା ଓ ଦିନର ଏକ ସତେଜ ଆରମ୍ଭକୁ ପ୍ରୋତ୍ସାହିତ କରିଥାଏ । ସେହିପରି ଆୟୁର୍ବେଦରେ ଖାଦ୍ୟକୁ ଔଷଧ ଭାବେ ବିବେଚନା କରାଯାଇଛି । ଆୟୁର୍ବେଦ ସତେଜ ଫଳ, ପନିପରିବା, ଖାଦ୍ୟଶସ୍ୟ, ଡାଲି ଓ ଆଲମଣ୍ଡ ଭଳି ବାଦାମଗୁଡିକର ସେବନକୁ ମହତ୍ୱ ଦେଇଥାଏ ଯାହା ପ୍ରାଣ (ଜୀବନ ଶକ୍ତି)ରେ ସମୃଦ୍ଧ ଅଟେ ।



ଶରୀର ପାଇଁ ପୁଷ୍ଟିକର ହେବା ସହିତ ତିଆରି କରିବା ପାଇଁ ସହଜ ହେଉଥିବା ଖାଦ୍ୟ ସମ୍ପର୍କରେ ପୂର୍ବରୁ ଯୋଜନା କରିବା, କଟା ଫଳ କିମ୍ବା ମୁଠାଏ ଆଲମଣ୍ଡ ଶରୀରକୁ ପୋଷଣ ଦେବା ସହିତ ମନକୁ ସନ୍ତୁଷ୍ଟ ରଖିଥାଏ । ବିଶେଷ କରି ଆଲମଣ୍ଡ ଶରୀରକୁ ଶକ୍ତିଶାଳୀ କରିବା ସହ ଚର୍ମକୁ ସୁସ୍ଥ ରଖିଥାଏ ଓ ନିୟମିତ ସେବନ କଲେ ଏହା ଦୋଷକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ । ସେହିପରି ଯୋଗ ଓ ଧ୍ୟାନ ହେଉଛି ଦିନଚର୍ଯ୍ୟାର ଏକ ଅପରିହାର୍ଯ୍ୟ ଅଂଶ । ଏହା ଉଭୟ ଶାରୀରିକ ଓ ମାନସିକ ସୁସ୍ଥତାକୁ ଉନ୍ନତ କରିଥାଏ, ଚିନ୍ତା ଦୂର କରିବା ସହ ନମନୀୟତା, ଶକ୍ତି ଓ ଧ୍ୟାନ ବୃଦ୍ଧି କରିଥାଏ । ବର୍ତ୍ତମାନ ସମୟରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ବଢୁଥିବା ଚାହିଦା ଆୟୁର୍ବେଦର ରଣନୀତି ସହ ସମନ୍ୱିତ ରହିଛି । ଏହାଛଡା ଆୟୁର୍ବେଦରେ ପର୍ଯ୍ୟାପ୍ତ ନିଦ୍ରାକୁ ଉତମ ଶରୀର ପାଇଁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ବିବେଚନା କରାଯାଇଛି । ତେଣୁ ଆୟୁର୍ବେଦ ନିଦ୍ରାର ମାନ ବୃଦ୍ଧି କରିବା ପାଇଁ ଏକାଧିକ ସରଳ ଓ ପ୍ରଭାବୀ ଅଭ୍ୟାସର ପରାମର୍ଶ ଦେଉଛି ଯେଉଁଥିରେ ଏକ ନିରନ୍ତର ଶୋଇବା ଓ ଉଠିବା ସୂଚୀ, ଉଷ୍ମ ଓ ସରଳ ଖାଦ୍ୟ ଖାଇବା, ଶୋଇବା ପୂର୍ବରୁ ମସଲା କ୍ଷୀର ପିଇବା, ଅଭ୍ୟାଙ୍ଗ (ଗରମ ତେଲର ମାଲିସ)ର ଅଭ୍ୟାସ କରିବା, ରାତି ସମୟରେ ଧ୍ୟାନ କରିବା ଆଦି ସାମିଲ ରହିଛି ।

# ଓଡ଼ିଶା କ୍ରାଫ୍ଟ ଓଡ଼ିଶୀ ସ୍ୱଦେଶୀ ହସ୍ତଶିଳ୍ପ ନିମନ୍ତେ ଯୁଗାନ୍ତକାରୀ ଗବେଷଣା ଏବଂ ନୂତନ ଦୃଷ୍ଟିଭଙ୍ଗୀ ପ୍ରଦର୍ଶନକାରୀ ଦ୍ୱିତୀୟ ଓପନ୍ ଷ୍ଟୁଡିଓର ଆୟୋଜନ




ଭୁବନେଶ୍ୱର,୨୨।୯ (ନି.ପ୍ର) : ଏମ୍‌ଜିଏମ ଫାଉଣ୍ଡେସନ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ ଡିଜାଇନ ଷ୍ଟୁଡିଓ (ବିଇଏଡିଏସ୍) ଦ୍ୱାରା ଏକ ଅଗ୍ରଣୀ ସାଂସ୍କୃତିକ ପ୍ରଚେଷ୍ଟା ଓଡ଼ିଶା କ୍ରାଫ୍ଟ ଓଡ଼ିଶୀ (ଓସିଓ)ର ପ୍ରୟାସ ଜରିଆରେ ଭୁବନେଶ୍ୱର ମହାନଗର ହସ୍ତଶିଳ୍ପର କାର୍ଯ୍ୟାଭ୍ୟାସ ଉପରେ ଏକ ଅସାଧାରଣ ପ୍ରଦର୍ଶନୀ ଦେଖିବାକୁ ଯାଉଛି । ଓସିଓ 'ଦି ପପୁଲାର ପିପିଲି: ଥ୍ରେଡ୍‌ସ୍ ଅଫ ମେମୋରୀ, ନେଟୱର୍କସ୍ ଅଫ ପାୱର' ଶୀର୍ଷକରେ ଶିବଦାସ ସେନଗୁପ୍ତାଙ୍କ ଦ୍ୱାରା ନିଖୁଣ ଭାବରେ ପ୍ରସ୍ତୁତ ଏହାର ଦ୍ୱିତୀୟ ଗବେଷଣାତ୍ମକ ପ୍ରଦର୍ଶନୀ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀରେ ଆୟୋଜନ କରିଛି, ଯାହା ୨୦୨୫ ସେପ୍ଟେମ୍ବର ୨୧ ତାରିଖ ଅପରାହ୍ଣ ୫ଟାରୁ ଉନ୍ମୁକ୍ତ । ଅନେକ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀଠାରୁ ଭିନ୍ନ ଓସିଓର ପ୍ରଦର୍ଶନୀଗୁଡିକ କଳାକାର, ଗବେଷକ ଏବଂ କାରିଗରମାନଙ୍କ ସମ୍ମିଳିତ ଅଂଶଗ୍ରହଣରେ କରାଯାଇଥିବା ଜଟିଳ ଗବେଷଣାଧର୍ମୀ ସର୍ବେକ୍ଷଣକୁ ପରିକଳ୍ପନା କରୁଛି । ଏହି ସଂସ୍କରଣ ଓଡ଼ିଶାର ଜୀବନ୍ତ ଐତିହ୍ୟର ସଂରକ୍ଷଣ ଏବଂ ପୁନଃସୁଦୃଢ଼ୀକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ହେବାକୁ ଯାଉଛି । ଓସିଓର ଦ୍ୱିତୀୟ ଉଲ୍ଲେଖନୀୟ ଏହି କାର୍ଯ୍ୟକ୍ରମ ୨୦୨୫ ଆବାସିକତାର ସାର୍ବଜନୀନ ପରିଣତି ଭାବରେ ଉପସ୍ଥାପିତ ହେବାକୁ ଯାଉଛି, ଯାହା ପିପିଲିର ସୁଦକ୍ଷ ଚାନ୍ଦୁଆ କାରିଗରୀ ଉପରେ ଦୃଷ୍ଟିନିବଦ୍ଧ କରୁଛି ।

ଓପନ୍ ଷ୍ଟୁଡିଓ ଓସିଓର ଅନନ୍ୟ ପଦ୍ଧତିର ଏକ ପ୍ରତ୍ୟକ୍ଷ ପରିଣତି ହୋଇଛି, ଯାହା ଲଳିତ କଳା ଏବଂ ହସ୍ତଶିଳ୍ପ ମଧ୍ୟରେ ପାରମ୍ପରିକ ପଦାନୁକ୍ରମକୁ ଚାଲେଞ୍ଜ କରିବା ନିମନ୍ତେ ଜାତିଗତ ଗବେଷଣା ଏବଂ ଆନ୍ତଃ ବିଭାଗୀୟ ସହଯୋଗୀତାକୁ ଅଗ୍ରାଧିକାର ଦେଉଛି । ଶିବଦାସ ସେନଗୁପ୍ତାଙ୍କ ଦ୍ୱାରା ନିଖୁଣ ଭାବରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମ ତିନିଜଣ ସମକାଳୀନ ବୃତ୍ତିଧାରୀଙ୍କୁ ପିପିଲିର ହସ୍ତଶିଳ୍ପ କାରିଗର ସମୁଦାୟଙ୍କ ମଧ୍ୟରେ ସାମିଲ କରିଛି, ଯେଉଁମାନେ ହେଉଛନ୍ତି ରାଜ୍ ମୌର୍ଯ୍ୟା, ମଧୁଲିକା ଏସ୍ ନାଇଡୁ ଏବଂ ରିଆ ମୋରାସ୍ । ମଧୁଲିକା ଏସ୍ ନାଇଡୁ ମୋଟିଫ, କୌଶଳ ଏବଂ ସାମାଜିକ ପଦାନୁକ୍ରମଗୁଡିକ ଜରିଆରେ ପିପିଲିର ଚାନ୍ଦୁଆର ଐତିହାସିକ ବିବର୍ତ୍ତନର ଅନୁଗମନ କରିଛି, ଯାହା ସହାବସ୍ଥାନକାରୀ ହସ୍ତଶିଳ୍ପ ଜ୍ଞାନବିଜ୍ଞାନ ସଂସ୍ଥାପନରେ ଚୂଡାନ୍ତ ହେଉଛି । ରିଆ ମୋରାସ୍ ଅଂଶଗ୍ରହଣକାରୀ ପ୍ରକଳ୍ପସମୂହ ଏବଂ ପଦାର୍ଥଗତ ଅନୁସନ୍ଧାନ ଜରିଆରେ ମହିଳାଙ୍କର ସ୍ୱର ଏବଂ ସାମୂହିକ ଗ୍ରନ୍ଥକାରିତାକୁ ଅଗ୍ରଭାଗରେ ରଖି ସିଲେଇ କୌଶଳକୁ ସନ୍ନିହିତ ଜ୍ଞାନ ଭାବରେ ପରୀକ୍ଷା ନିରୀକ୍ଷା କରୁଛନ୍ତି । ରାଜ ମୌର୍ଯ୍ୟା ଅଭିଲେଖାଗାର ପଦ୍ଧତିସମୂହ ଏବଂ ସାୟାନୋଟାଇପ୍‌କୁ ବ୍ୟବହାର କରି ହସ୍ତଶିଳ୍ପ ପ୍ରସ୍ତୁତିର ସ୍ମୃତି, ଅନୁପସ୍ଥିତି ଏବଂ ପୁନରାବୃତ୍ତି ହେବାର ପ୍ରକୃତି ଆଦି ପ୍ରତିଫଳିତ କରିବାକୁ ପିପିଲି ଚାନ୍ଦୁଆ ପ୍ରସ୍ତୁତିରେ ଶ୍ରମ ନେଟୱର୍କ ସମ୍ପର୍କରେ ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି । ସେମାନଙ୍କର ଆବାସ ସମୟରେ ସେମାନେ ଏହି ହସ୍ତଶିଳ୍ପ ପ୍ରସ୍ତୁତି ପଦ୍ଧତି ଉନ୍ମୋଚନ କରିବା, ଏହାର ନିଖୁଲ କୌଶଳ ଏବଂ ସାଂସ୍କୃତିକ ଗୁରୁତ୍ୱର ବିସ୍ତୃତ ବିବରଣୀ ପୂର୍ଣ୍ଣାଙ୍ଗ କ୍ଷେତ୍ରସ୍ତରୀୟ ନୋଟ୍ ଏବଂ ସହଭାଗୀତା ମୂଳକ ପ୍ରକଳ୍ପଗୁଡିକ ଜରିଆରେ ପ୍ରସ୍ତୁତ କରିବାକୁ ଅତ୍ୟନ୍ତ ସୂକ୍ଷ୍ମ ପ୍ରକ୍ରିୟାରେ ନିୟୋଜିତ ରହିଥିଲେ । ଏହି ଗବେଷଣା-ଭିତ୍ତିକ ଆଭିମୁଖ୍ୟ ପିପିଲି ଚାନ୍ଦୁଆ ହସ୍ତଶିଳ୍ପକୁ କେବଳ ଏକ କଳାକୃତିରୁ ଅଧ୍ୟୟନର ଏକ ଚମତ୍କାର କ୍ଷେତ୍ର ଭାବରେ ଉଚ୍ଚତର ସୋପାନକୁ ନେଇଯିବା ସହିତ କଳାତ୍ମକ ଅଭିବ୍ୟକ୍ତି ଏବଂ ଶିକ୍ଷାଗତ ଆଲୋଚନା ନିମନ୍ତେ ନୂତନ ସୁଯୋଗ ଯୋଗାଇ ଦେଉଛି ।

# ନିମ୍ନ-ଗ୍ରେଡ୍ ଲୁହାପଥର ଉପରେ ରପ୍ତାନି ଶୁଳ୍କ ନେଇ ଓଡ଼ିଶା ଶିଳ୍ପର ସତର୍କତା: କ୍ଷେତ୍ରଗତ ପ୍ରଭାବ ଏବଂ ଜୀବିକା ବିପଦରେ

ଭୁବନେଶ୍ୱର,୨୨।୯ (ନି.ପ୍ର) : ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ଓଡ଼ିଶାର ଶିଳ୍ପ ଏବଂ ବାଣିଜ୍ୟ ସ୍ୱାର୍ଥର ପ୍ରତିନିଧିତ୍ୱ କରୁଥିବା ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ) ନିମ୍ନ-ଗ୍ରେଡ୍ ଲୁହାପଥର (୫୮% ଏଫଇ ତଳେ) ଉପରେ ରପ୍ତାନି ଶୁଳ୍କ ଲାଗୁ କରିବା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ପ୍ରତି ଆଲୋଚନାକୁ ଦୃଷ୍ଟିରେ ରଖି ରାଜ୍ୟର ଲୁହାପଥର ଖଣି ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛି । ଏପରି ପଦକ୍ଷେପ ନିଶ୍ଚିତ ଭାବରେ ଏହି କ୍ଷେତ୍ରକୁ ଧ୍ୱଂସ କରିବ, ଖଣି ପ୍ରମୁଖ ରାଜ୍ୟଗୁଡ଼ିକର ରାଜକୋଷକୁ ୧୬୨୦୦ କୋଟିରୁ ଅଧିକ ସାମୂହିକ କ୍ଷତି କରିବ ଏବଂ ରାଜ୍ୟଗୁଡିକରେ ୫ ଲକ୍ଷରୁ ଅଧିକ ଖଣି ନିର୍ଭରଶୀଳଙ୍କ ଜୀବିକା ବିପନ୍ନ କରିବ । ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ଏକ ଚିଠିରେ, ଚାମ୍ବର ୨୬ ଅଗଷ୍ଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ବିଷୟରେ ଉଲ୍ଲେଖ କରିଛି । ଏହି ବୈଠକର ଅଧ୍ୟକ୍ଷତା ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ କରିଥିଲେ ଏବଂ ଓଡ଼ିଶା ରାଜ୍ୟ ପକ୍ଷରୁ ଇଉଝ ଇସ୍ପାତ ଏବଂ ଖଣି ବିଭାଗ ମଧ୍ୟ ଯୋଗ ଦେଇଥିଲେ । ୟୁସିସିଆଇଏଲ ଲୁହାପଥର ଏବଂ ଇସ୍ପାତ ଉତ୍ପାଦନ ବୃଦ୍ଧି କରିବାର ଉଦ୍ଦେଶ୍ୟ ପାଇଁ ଏହି ବୈଠକକୁ ପ୍ରଶଂସା କରିଥିଲା, ଯାହା କେବଳ ସମୟୋଚିତ ଏବଂ ପ୍ରଶଂସନୀୟ ନୁହେଁ ବରଂ ଏକ ଆତ୍ମନିର୍ଭର ଭାରତ ଗଠନର ବୃହତ ଲକ୍ଷ୍ୟ ସହିତ ମଧ୍ୟ ସମନ୍ୱିତ । ଚାମ୍ବର ଏହି ଜାତୀୟ ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ଏହାର ପୂର୍ଣ୍ଣ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି । ତଥାପି, ଟଉଉଓଖ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଯୋଗାଯୋଗରେ ଏହା ମଧ୍ୟ ଉଲ୍ଲେଖ କରିଛି ଯେ ଏହି ବିଷୟରେ ଗଠିତ କମିଟିଗୁଡ଼ିକ ଦ୍ୱାରା ପରବର୍ତ୍ତୀ ଆଲୋଚନାରେ ନିମ୍ନ-ଗ୍ରେଡ୍ ଲୁହାପଥର (୫୮%ରୁ କମ୍) ଉପରେ ସମ୍ଭାବ୍ୟ ରପ୍ତାନି ଶୁଳ୍କ ଲାଗୁ କରିବା ସମେତ ବିଭିନ୍ନ ପଦକ୍ଷେପ ଅନୁସନ୍ଧାନ କରାଯାଉଛି । ଏହି ବିକାଶ ଓଡ଼ିଶାର ଖଣି ଇକୋସିଷ୍ଟମ ମଧ୍ୟରେ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି, କାରଣ ଏପରି ନୀତି ଉତ୍ପନ୍ନ କରିବାର ସମ୍ଭାବ୍ୟ ଆର୍ଥିକ ଏବଂ ସାମାଜିକ ପରିଣାମ ହୋଇପାରେ ।ବିସ୍ତୃତ ଉପସ୍ଥାପନରେ, ଚାମ୍ବର ଉଲ୍ଲେଖ କରିଛି ଯେ ଏପରି ଯେକୌଣସି ପଦକ୍ଷେପ କେବଳ ରାଜ୍ୟ ରାଜସ୍ୱ ନୁହେଁ ବରଂ ଖଣି କାର୍ଯ୍ୟର କାର୍ଯ୍ୟକ୍ଷମତା ଏବଂ କ୍ଷେତ୍ର ଉପରେ ନିର୍ଭରଶୀଳ ହଜାର ହଜାର ଲୋକଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବ, ବିଶେଷକରି ଦୂରଦୂରାନ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅଂଚଳରେ ।

ଶିଳ୍ପ ଆକଳନ ଏବଂ ତଥ୍ୟ ମଡେଲ ଅନୁଯାୟୀ, ନିମ୍ନ-ଗ୍ରେଡ୍ ଲୁହାପଥର ଉପରେ ପ୍ରସ୍ତାବିତ ରପ୍ତାନି ଶୁଳ୍କ ଲାଗୁ ହେବା ଦ୍ୱାରା ଓଡ଼ିଶାର ରାଜକୋଷକୁ ବାର୍ଷିକ ୧୦,୦୦୦ କୋଟିରୁ ଅଧିକ କ୍ଷତି ହୋଇପାରେ । କେବଳ ଓଡ଼ିଶା ଖଣି ନିଗମ (ଓଏମସି) ପ୍ରାୟ ୫,୭୦୦ କୋଟି ରାଜସ୍ୱ କ୍ଷତି ସହିବ ବୋଲି ଆକଳନ କରାଯାଇଛି, ଯାହା ଏହାର କାର୍ଯ୍ୟକ୍ଷମ ସ୍ଥିରତା ଏବଂ ସାମାଜିକ ଅବଦାନକୁ ଯଥେଷ୍ଟ ଭାବରେ ହ୍ରାସ କରିବ । ୨୦୨୨ ମସିହାରେ, ନିମ୍ନ-ଗ୍ରେଡ୍ ଲୁହାପଥର ଉପରେ ଲାଗୁ ହୋଇଥିବା ସମାନ ଶୁଳ୍କ ରାଜ୍ୟ ପାଇଁ ୧୨,୦୦୦ କୋଟିରୁ ଅଧିକ କ୍ଷତି କରିବା ଏବଂ ଏହାର ଉଦ୍ଦେଶ୍ୟମୂଳକ ନୀତିଗତ 'ଲା'ଳ ହାସଲ କରିବାରେ ବିଫଳ ହେବା ପରେ ଛଅ ମାସ ମଧ୍ୟରେ ଶୀଘ୍ର ପ୍ରତ୍ୟାହାର କରାଯାଇଥିଲା । ଚିଠିରେ ସତର୍କ କରାଯାଇଥିଲା ଯେ ଏପରି ପଦକ୍ଷେପ ପୁନରାବୃତ୍ତି କରିବା ଦ୍ୱାରା ରାଜ୍ୟ ପାଇଁ ଏଡାଯାଇପାରିବ ଏବଂ ଅପରିବର୍ତ୍ତନୀୟ ଆର୍ଥିକ କ୍ଷତି ହେବ । ଏହା ବିଶେଷ ଭାବରେ ଚିନ୍ତାଜନକ କାରଣ ଓଡ଼ିଶାରେ ଖଣି ମୁଖ୍ୟ ଅଂଚଳଗୁଡ଼ିକ ମଧ୍ୟ ଗୁରୁତର ସାମାଜିକ-ଆର୍ଥିକ ଆବଶ୍ୟକତା ସହିତ ଜଡିତ ।

# ଉତ୍ସବ ଋତୁରେ ମେନ୍ ଅଫ୍ ପ୍ଲାଟିନମ୍‌ରେ ପାଆନ୍ତୁ ଏମ୍ ଏସ୍ ଧୋନି ସିଗ୍ନେଚର ଏଡିସନ୍

ଭୁବନେଶ୍ୱର,୨୨।୯ (ନି.ପ୍ର) : ପ୍ଲାଟିନମ୍ ଗିଲ୍ଡ ଇଟରନ୍ୟାସନାଲ (ପିଜିଆଇ) ଭାରତର ମେନ୍ ଅଫ୍ ପ୍ଲାଟିନମ୍ ବ୍ରାଣ୍ଡ ଏହି ଉତ୍ସବ ଋତୁରେ ଏମ ଏସ ଧୋନି ସିଗ୍ନେଚର ଏଡିସନ୍ ସହିତ ଫେରସ୍ତ କରିଛି - ଅଳଙ୍କାରର ଏକ ଧାଡ଼ି ଯାହା ଏକ ଆଧୁନିକ ଆଇକନର ସ୍ଥାୟୀ ଉତରାଧିକାରୀ ବିଷୟରେ କହିଥାଏ । ମୂଲ୍ୟବାନ ଅଳଙ୍କାରରେ ଶୁଦ୍ଧତାର ସର୍ବୋଚ୍ଚ ମାନଦଣ୍ଡ ମଧ୍ୟରୁ ଗୋଟିଏ, ୯୫% ଶୁଦ୍ଧ ପ୍ଲାଟିନମରେ ନିର୍ମିତ ପ୍ଲାଟିନମ୍ ସ୍ୱାଭାବିକ ଭାବରେ ଧଳା, ଏହା କଦାପି ଫିକା କିମ୍ବା କଳଙ୍କିତ ହୁଏ ନାହିଁ । ପ୍ରତ୍ୟେକ ଖଣ୍ଡ ସ୍ଥାୟୀ ହେବା ପାଇଁ ଡିଜାଇନ୍ କରାଯାଇଛି - ଠିକ୍ ଯେପରି ଏହା ପ୍ରତିନିଧିତ୍ୱ କରୁଥିବା ମୂଲ୍ୟବୋଧ । ଶକ୍ତିଶାଳୀ, ବିରଳ ଏବଂ କାଳଜୟୀ, ପ୍ଲାଟିନମ୍ ସେହି ଗୁଣଗୁଡ଼ିକୁ ପ୍ରତିବିମ୍ବିତ କରେ ଯାହା ଏମ ଏସ ଧୋନିଙ୍କ କ୍ୟାରିୟରକୁ ବ୍ୟାଖ୍ୟା କରିଛି: ସ୍ଥିରତା, ସାନ୍ତ୍ୱନା ଏବଂ ଶାନ୍ତ ଆତ୍ମବିଶ୍ୱାସ । ସଂଗ୍ରହରେ ସର୍ବଶେଷ ଯୋଗ ଧୋନିଙ୍କ ଯାତ୍ରା ଏବଂ ସ୍ୱତନ୍ତ୍ର ଶୈଳୀରୁ ପ୍ରେରଣା ନେଇଥାଏ । ଭାସ୍କର୍ଯ୍ୟ ଲିଙ୍କ୍ ବ୍ରେସଲେଟ୍ ଠାରୁ ଆରମ୍ଭ କରି ସଂଯୋଗ ଏବଂ ଶକ୍ତିକୁ ପ୍ରତିନିଧିତ୍ୱ କରେ, ଡୁଆଲ-ଟୋନ୍ ଖଣ୍ଡ ଯାହା ସଠିକତା ଏବଂ ସୂକ୍ଷ୍ମ ଚମତ୍କାରତାକୁ ପ୍ରତିଧ୍ୱନିତ କରେ, ଡିଜାଇନ୍ ସର୍ବନିମ୍ନ ତଥାପି ବିବୃତି ସୃଷ୍ଟି କରେ । ପରିଷ୍କାର ରେଖା, ଉଦ୍ଦେଶ୍ୟମୂଳକ ବିବରଣୀ ଏବଂ ଧୋନିଙ୍କ ଦସ୍ତଖତର ଅବିସ୍ମରଣୀୟ ଖଣ୍ଡ ସଂଗ୍ରହର ପ୍ରତ୍ୟେକ ଖଣ୍ଡକୁ ଆଭ୍ୟନ୍ତରୀଣ ମହାନତାର ଚିହ୍ନ କରିଥାଏ । ଏହି ସଂଗ୍ରହକୁ ଯାହା ପୃଥକ କରେ ତାହା ହେଉଛି ଗଭୀର ପ୍ରତୀକବାଦ ସହିତ ସୌନ୍ଦର୍ଯ୍ୟଗତ ବିଶୋଧନକୁ ମିଶ୍ରଣ କରିବାର କ୍ଷମତା । ଏହା କେବଳ ଷ୍ଟାଇଲ୍ ପାଇଁ ପିନ୍ଧାଯାଇଥିବା ଅଳଙ୍କାର ନୁହେଁ, ବରଂ ଏହା କ'ଣ ପାଇଁ ଛିଡା ହୋଇଛି । ଜଣେ ବଂଚୁଥିବା ମୂଲ୍ୟବୋଧର ଏକ ବ୍ୟକ୍ତିଗତ ସ୍ମାରକ, ଏମ ଏସ ଧୋନି ସିଗ୍ନେଚର ଏଡିସନ୍ ଯେତିକି ଅର୍ଥପୂର୍ଣ୍ଣ ସେତିକି ଚମତ୍କାର ଅଟେ । ଏହି ଋତୁରେ, ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସକ୍ଲୁସିଭିଟିର ଆଉ ଏକ ସ୍ତର ଯୋଗ କରେ । ସଂଗ୍ରହରୁ ପ୍ରତ୍ୟେକ କ୍ରୟ ସହିତ, ଗ୍ରାହକମାନେ ଜୀବନରେ ଥରେ ସୁଯୋଗ ପାଇବାର ସୁଯୋଗ ପାଇଥାନ୍ତି - ୨୦୨୬ ଆରମ୍ଭରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଏମ ଏସ ଧୋନିଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ ଏବଂ ଅଭିବାଦନ । ଏହି ସକ୍ରିୟତା ୧୮ ସେପ୍ଟେମ୍ବରରୁ ୧୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ବଛା ବଛା ଖୁଚୁରା ଷ୍ଟୋରରେ ଚାଲିଥାଏ, ଯାହା ପ୍ରଶଂସକମାନଙ୍କୁ ପ୍ରଶଂସାକୁ ଏକ ବ୍ୟକ୍ତିଗତ ମୁହୂର୍ତ୍ତରେ ପରିଣତ କରିବାର ଏକ ବିରଳ ସୁଯୋଗ ପ୍ରଦାନ କରେ ।



# ଆଜି ଖୋଲିବ ସୋଲାରୱାର୍ଲ୍ଡ ଏନର୍ଜି ସଲ୍ୟୁସନ୍ସ ଲିମିଟେଡର ଆଇପିଓ

ଭୁବନେଶ୍ୱର,୨୨।୯ : ସୋଲାର ୱାର୍ଲ୍ଡ ଏନର୍ଜି ସଲ୍ୟୁସନ୍ସ ଲିମିଟେଡର ଇକ୍ୱିଟି ସେୟାରର ଇନିସିଆଲ ପବ୍ଲିକ୍ ଅଫରିଂ ୨୦୨୫ ସେପ୍ଟେମ୍ବର ୨୩ ମଙ୍ଗଳବାର ଦିନ ଖୋଲିବ । ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୨ ସୋମବାର ବିଡ୍ ଦାଖଲ କରିପାରିବେ । ୨୦୨୫ ସେପ୍ଟେମ୍ବର ୨୫ ଗୁରୁବାର ଦିନ ବିଡ୍ ଦାଖଲ ଶେଷ ହେବ । ଏହି ଅଫରର ଆକାର ୪୯୦ କୋଟି ଟଙ୍କା । ସେଥିରୁ ୪୪୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର୍ ସେଲରେ ଅଂଶଧନକାରୀମାନେ ୫୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ । ନିବେଶକମାନେ ସର୍ବନିମ୍ନ ୪୨ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୪୨ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ । ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ୍ ୩୩୩ ଟଙ୍କାରୁ ୩୫୧ ଟଙ୍କା ମଧ୍ୟରେ ରହିଛି । ଏହି ଅଫରରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ସହାୟକ କମ୍ପାନି କାର୍ତ୍ତିକ ସୋଲାରୱାର୍ଲ୍ଡ ପ୍ରାଇଭେଟ ଲିମିଟେଡର ମଧ୍ୟପ୍ରଦେଶର ପାଣ୍ଡୁରଣାରେ ଥିବା ୧.୨ ଗିଗାୱାଟର ସୋଲାର ପିଭି ଟପକନ ସେଲ ଉତ୍ପାଦନ କାରଖାନା ପ୍ରକଳ୍ପରେ ନିବେଶ କରାଯିବ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ । ଅଫର ଫର ସେଲରେ ପାୟୋନିୟର ଆଇଟି ଇନଫ୍ରାଡେଭେଲପର୍ସ ପ୍ରାଇଭେଟ ଲିମିଟେଡ ୫୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବ । ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ନୁଭାମା ୱେଲଥ ମ୍ୟାନେଜମେଂଟ ଲିମିଟେଡ ଓ ଏସବିଆଇ କ୍ୟାପିଟାଲ ମାର୍କେଟସ ଲିମିଟେଡ । କମ୍ପାନିର ଇକ୍ୱିଟି ସେୟାରଗୁଡ଼ିକୁ ବିଏସ୍‌ଇ ଲିମିଟେଡ୍ ଓ ଏନଏସଇରେ ତାଲିକାଭୁକ୍ତ କରାଯିବ । ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଅଫରର ୭୫ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ରଖାଯିବ । ବୁକ ରନିଂ ଲିଡ ମ୍ୟାନେଜରଙ୍କ ସହ ଆଲୋଚନା କରି କ୍ୟୁଆଇବି ଭାଗର ୬୦ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଆଙ୍କର ନିବେଶକଙ୍କ ପାଇଁ ଆବଂଟନ କରାଯିବ । ସେଥିରୁ ଏକ ତୃତୀୟାଂଶ ସେୟାରକୁ ଘରୋଇ ମ୍ୟୁଚୁଆଲ ଫଣ୍ଡମାନଙ୍କୁ ଆବଂଟନ କରାଯିବ ।

# ଅନ୍ତର୍ଜାତୀୟ କୋଷ୍ଟାଲ କ୍ଲିନଅପ୍ ଡେ ଧାମରା ପୋର୍ଟ ପକ୍ଷରୁ ଜେଟୀ ସଫେଇ

ଧାମରା, ୨୨।୯ (ଯୁବମୋର୍ଚ୍ଚା ବ୍ୟୁରୋ) : ଅନ୍ତର୍ଜାତୀୟ କୋଷ୍ଟାଲ କ୍ଲିନଅପ୍ ଡେ ପାଳନ ଅବସରରେ ଧାମରା ପୋର୍ଟ ପକ୍ଷରୁ ଉପକୂଳ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି ।




ଏହି ଅବସରରେ ଧାମରା ପୋର୍ଟ କର୍ମଚାରୀମାନେ ସ୍ଥାନୀୟ ଧାମରାଇ ମନ୍ଦିର ପାର୍ଶ୍ୱବର୍ତ୍ତୀ ଜେଟୀ ଅଞ୍ଚଳରେ ସଫେଇ କାର୍ଯ୍ୟ କରିଥିଲେ । ଧାମରା ପୋର୍ଟର ସ୍ଥାନୀୟ ଜେଟୀ ଅଞ୍ଚଳରେ ଯାତ୍ରୀବାହୀ ଡଙ୍ଗାଗୁଡ଼ିକ ଆସିଥାଏ । ଫଳରେ ଏହି ଅଞ୍ଚଳରେ ପରିଷ୍କାର ଓ ପରିଚ୍ଛନ୍ନତାର ଆବଶ୍ୟକତା ରହିଛି । ପୋର୍ଟ କର୍ମଚାରୀଙ୍କ ଉଦ୍ୟମ ଯୋଗୁ ଏହି ସଫେଇ କାର୍ଯ୍ୟ ସମ୍ଭବ ହୋଇପାରିଲା । ଚଳିତ ବର୍ଷ ବଙ୍ଗୋପସାଗରର ୪୮୦ କିମି ଦୀର୍ଘ ଉପକୂଳ ଭାରତର ପରିବେଶଗତ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂପୁର, ପୁରୀ ଏବଂ ଗଞ୍ଜାମ –ଛଅଟି ଜିଲାର ବିସ୍ତାରିତ ଉପକୂଳ ବିଲୁପ୍ତପ୍ରାୟ ଅଲିଭ୍ ରିଡ୍‌ଲେ କଇଁଛ ସମେତ ବିବିଧ ସାମୁଦ୍ରିକ ଜୀବକୁ ସୁରକ୍ଷା ଯୋଗାଇଥାଏ । ଏତଦ୍‌ବ୍ୟତୀତ ମତ୍ସ୍ୟଜୀବୀ, ପର୍ଯ୍ୟଟନ ଓ କୃଷି ମାଧ୍ୟମରେ ହଜାର ହଜାର ଲୋକଙ୍କ ଆର୍ଥିକ ପରିସ୍ଥିତିକୁ ମଧ୍ୟ ସୁଦୃଢ଼ କରିବାରେ ସହଯୋଗ କରୁଛି ।

# ଏସବିଆଇ କାର୍ଡ 'ଖୁସିୟାଁ ଅନଲିମିଟେଡ୍' ଅଭିଯାନ ସହିତ ଫେଷ୍ଟିଭ୍ ଅଫର୍ ଆରମ୍ଭ

ନୂଆଦିଲ୍ଲୀ,୨୨।୯ (ନି.ପ୍ର) : ଭାରତର ସର୍ବବୃହତ ପିଓର୍-ପ୍ଲେ କ୍ରେଡିଟ୍ କାର୍ଡ ପ୍ରଦାନକାରୀ ଏସବିଆଇ କାର୍ଡ, ୨୦୨୫ ପାର୍ବଣ ଋତୁ ପାଇଁ 'ଖୁସିୟାଁ ଅନଲିମିଟେଡ୍' ଅଭିଯାନ ସହିତ ଦେଶବ୍ୟାପୀ ଆକର୍ଷଣୀୟ ଅଫର୍ ଗୁଡ଼ିକର ଏକ ବ୍ୟାପକ ସମ୍ଭାର ଆରମ୍ଭ କରିଛି । ଗ୍ରାହକମାନେ ୨୯୦୦ ରୁ ଅଧିକ ସହରରେ ଅନଲାଇନ୍ ଏବଂ ଅଫଲାଇନ୍ ପ୍ଲାଟଫର୍ମରେ ପ୍ରାୟ ୧୨୫୦+ ମର୍ଚ୍ଚାଂଟ ଫଣ୍ଡେଡ୍ ଅଫର୍, କ୍ୟାସବ୍ୟାକ୍ ଏବଂ ତୁରନ୍ତ ରିହାତି ଅଫର୍ ରୁ ଲାଭ ଉଠାଇପାରିବେ, ଯେଉଁଥିରେ ଟିୟର ୨ ଏବଂ ଟିୟର ୩ ସହର ଅନ୍ତର୍ଭୁକ୍ତ । ଏହି ଫେଷ୍ଟିଭ୍ ଅଫର୍ କଞ୍ଜୁମର ଡ୍ୟୁରେବଲ୍, ମୋବାଇଲ୍, ଲାପଟପ୍, ଫ୍ୟାଶନ୍, ଫର୍ନିଚର, ଅଳଙ୍କାର, ଇ-କମର୍ସ ଏବଂ ଗ୍ରୋସେରୀ ସାମଗ୍ରୀ ସମେତ ସମସ୍ତ ପ୍ରମୁଖ ବର୍ଗରେ ପ୍ରଯୁଜ୍ୟ । କାର୍ଡଧାରକମାନେ ଅଧିକ ସୁବିଧା ଏବଂ ନମନୀୟତା ସହିତ ଉଚ୍ଚ ମୂଲ୍ୟର କ୍ରୟ କରିପାରିବେ ତାହା ନିଶ୍ଚିତ କରିବା ପାଇଁ, ଏସବିଆଇ କାର୍ଡ ଅନେକ ସମ୍ମାନିତ ପାର୍ଟନର ବ୍ରାଣ୍ଡ ସହିତ ସହଭାଗୀତାରେ ଅନେକ ଇଏମଆଇ-କେନ୍ଦ୍ରିତ ଅଫର ମଧ୍ୟ ପ୍ରଚଳନ କରିଛି । ଉତ୍ସବକୁ ଆହୁରି ଆନନ୍ଦଦାୟକ କରିବା ପାଇଁ, ଏସବିଆଇ କାର୍ଡ ଆମାଜନ୍, ରିଲାଏନ୍ସ ରିଟେଲ୍ ଗ୍ରୁପ୍, ମାକ୍ସ, ରେମଣ୍ଡସ, ମଂଟେ କାର୍ଲୋ ସମେତ ପ୍ରମୁଖ ପାର୍ଟନର ବ୍ରାଣ୍ଡଗୁଡ଼ିକରେ କ୍ରୟ ଉପରେ ଆକର୍ଷଣୀୟ ତୁରନ୍ତ ରିହାତି ଅଫର ପ୍ରଦାନ କରୁଛି । ଏହା ବ୍ୟତୀତ, ଏସବିଆଇ କାର୍ଡର ୨୭.୫% ପର୍ଯ୍ୟନ୍ତ ତୁରନ୍ତ ରିହାତି ସହିତ ଇଏମଆଇ-କେନ୍ଦ୍ରିତ ଅଫରଗୁଡ଼ିକ କଞ୍ଜୁମର ଡ୍ୟୁରେବଲ୍, ମୋବାଇଲ୍ ଏବଂ ଲାପଟପ୍ ସମେତ ଲୋକପ୍ରିୟ ବର୍ଗଗୁଡ଼ିକରେ ପ୍ରଚଳିତ ହେଉଛି । ଏହି ଉତ୍ସବ ଅଫର ପଦକ୍ଷେପରେ ଅଂଶଗ୍ରହଣ କରୁଥିବା ପ୍ରମୁଖ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ସାମସଙ୍ଗ, ହାୟର, ଏଲଜି, ସୋନି, ଓପୋ, ଭିଭୋ, ପାନାସୋନିକ୍, ହୁଇର୍ଲପୁଲ୍, ବୋସ୍, ଆଇଏଫବି, ଏଚପି ଏବଂ ଲୟେଡ୍ ଅନ୍ତର୍ଭୁକ୍ତ । ଏହି ବିବିଧ ଅଫର ଏବଂ ରିହାତି ସହିତ, ଏସବିଆଇ କାର୍ଡ ଏହାର ଗ୍ରାହକମାନଙ୍କର ସାମଗ୍ରିକ ସପିଂ ଅଭିଜ୍ଞତାକୁ ବୃଦ୍ଧି କରିଚାଲିଛି, ଏହାକୁ ଅଧିକ ସଂଚୟ, ଅତୁଳନୀୟ ସୁବିଧା ଏବଂ ଅସାଧାରଣ ମୂଲ୍ୟ ସହିତ ଅଧିକ ପୁରସ୍କାର ପ୍ରଦାନ କରୁଛି ।



# ନୂଆ ପିଢ଼ି ଏବଂ ବିକଶିତ ଭାରତର ସ୍ରଷ୍ଟାଙ୍କ ପାଇଁ ଉପହାର 'ଜିଏସଟି ସୁଧାର' : ମନମୋହନ

ଭୁବନେଶ୍ୱର,୨୨।୯ (ନି.ପ୍ର): ଆଜି ହେଉଛି ପବିତ୍ର ନବରାତ୍ରର ପ୍ରଥମ ଦିନ। ଆଜିଠାରୁ ଓଡିଶା ତଥା ସମଗ୍ର ଦେଶରେ ନୂତନ ଜିଏସଟି ସୁଧାର ଲାଗୁ ହେବା ଦ୍ୱାରା କେବଳ ଜିଏସଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କର ଜୀବନଯାପନରେ ଏକ ବ୍ୟାପକ ପରିବର୍ତନକାରୀ ଐତିହାସିକ ପଦକ୍ଷେପ । ରାଜ୍ୟବାସୀଙ୍କ ତରଫରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ତଥା ଧନ୍ୟବାଦ ଜ୍ଞାପନ କରୁଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ଚଳିତି ବର୍ଷ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଦିନ ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ମୋଦି ଦଶହରା, ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜିଏସଟି ଉପହାର ଦେବାପାଇଁ ଘୋଷଣା କରିଥଲେ। ଏହି ପରିପ୍ରେକ୍ଷୀରେ ଗତ ସେପ୍ଟେମ୍ବର ୩ତାରିଖ ଦିନ ୫୬ ତମ ଜିଏସଟି ପରିଷଦ ବୈଠକରେ ସମସ୍ତ ରାଜ୍ୟର ସହମତିରେ 'ଆଗାମୀ ପିଢୀର ଜିଏସ୍‌ଟି ସୁଧାର'କୁ ଗୃହୀତ କରାଯାଇଥିଲା। ବିକଶିତ ଭାରତର ଗଠନ ପାଇଁ ଗରିବ, ନିମ୍ନ ମଧ୍ୟବିତ, ମଧ୍ୟବିତ ବର୍ଗଙ୍କୁ ପ୍ରାଧାନ୍ୟ ଦେଇ ବିରାଟ ଆର୍ଥିକ ସଂସ୍କାର କରାଯାଇଛି। ଏହା କେବଳ ଦୀପାବଳି ଉପହାର ନୁହେଁ, ବରଂ ଏହା ହେଉଛି ନୂଆ ପିଢ଼ି ପାଇଁ ଏବଂ ବିକଶିତ ଭାରତର ସ୍ରଷ୍ଟାଙ୍କ ପାଇଁ ଉପହାର। ସମସ୍ତ ବର୍ଗଙ୍କୁ ଆର୍ଥିକ ସଶକ୍ତ କରିବ 'ନୂତନ ଜିଏସ୍‌ଟି ସୁଧାର'। ଦୈନନ୍ଦିନ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହ୍ରାସ ପାଇବା କାରଣରୁ ଗରିବ, ମଧ୍ୟବିତ ପରିବାରର ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ଗୋଟିଏ ବର୍ଷ ଭିତରେ 'ଆୟକର ସହ ଜିଏସ୍‌ଟି ଛାଡ' ହେଉଛି ଡବଲ ଇଂଜିନ ସରକାରର ଡବଲ ଉପହାର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ଗତ ୧୧ବର୍ଷ ଶାସନକାଳ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି । ନୂତନ ପିଢୀର ଜିଏସ୍‌ଟି ସୁଧାର ଦ୍ୱାରା ପ୍ରାୟ ୨ଲକ୍ଷ କୋଟି ଟଙ୍କାର ଦେଶବାସୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଓ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜବୁତ ଶକ୍ତି ଓ ଗତି ପ୍ରଦାନ କରିବ ବୋଲି ଶ୍ରୀ ସାମଲ କହିଛନ୍ତି।




ପୂର୍ବରୁ ୧୨ ପ୍ରତିଶତ ହାରରେ ଥିବା ଜିଏସ୍‌ଟି ବର୍ଗର ପ୍ରାୟ ୯୯ପ୍ରତିଶତ ସାମଗ୍ରୀକୁ ୫ପ୍ରତିଶତ ହାର ଏବଂ ୨୮ ପ୍ରତିଶତ ହାରରେ ଥିବା ପ୍ରାୟ ୯୦ ପ୍ରତିଶତ ସାମଗ୍ରୀକୁ ୧୮ ପ୍ରତିଶତ ହାରକୁ କମାଇ ଦିଆଯାଇଛି। ଏଥିରେ ଉପଭୋକ୍ତାଙ୍କ ସଂଚୟ ବଢିବ, ଆବଶ୍ୟକ ସାମଗ୍ରୀର ଦର କମିବ ଓ ଦେଶୀୟ ଚାହିଦା ମଜବୁତ ହେବ। ଗରିବ, କୃଷକ, ମଧ୍ୟବିତ ଓ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପଗୁଡିକୁ ବହୁତ ବଡ ଆଶ୍ୱସ୍ତି ମିଳିବ। କୃଷି ଉପକରଣ, ଜଳସିଂଚନ ଯନ୍ତ୍ର, ଛୋଟ ଟ୍ରାକ୍ଟର ଭଳି ଅନେକ କୃଷି ଯନ୍ତ୍ରପାତିରେ ହାର ହ୍ରାସ କରାଯାଇ ୫ ପ୍ରତିଶତ ଜିଏସଟି ଲାଗିବାରୁ କୃଷି ଖର୍ଚ୍ଚ କମିବ। ସ୍ୱାସ୍ଥ୍ୟ ଓ ଜୀବନ ବୀମାରେ ଜିଏସ୍‌ଟି ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି, କ୍ୟାନ୍‌ସର ସହ ଗୁରୁତର ଅନ୍ୟ ଦୂରାରୋଗ୍ୟ ଔଷଧ ଓ ମେଡିକାଲ ଉପକରଣ ପାଇଁ ସମ୍ପୂର୍ଣ୍ଣ ଭାବେ ଜିଏସ୍‌ଟି ଛାଡ କରାଯାଇଛି। ଏହା ଦ୍ୱାରା ସାଧାରଣ ଜନତା ଅନେକ ଲାଭାନ୍ୱିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି।

ଜିଏସଟି ୨.୦ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ସଂସ୍କାରର ଏକ ଅଂଶବିଶେଷ ଅଟେ । ଯାହା ଦୀର୍ଘ ୧୧ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଓ ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଅର୍ଥ ବ୍ୟବସ୍ଥା ଅଟେ । ରେକର୍ଡ ସଂଖ୍ୟକ ବିଦେଶୀ ପୁଞ୍ଜି ନିବେଶ ସହ ବ୍ୟବସାୟ ଓ ରୋଜଗାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଭିତଭୂମିରେ କ୍ରାନ୍ତିକାରୀ ପ୍ରଗତି ହୋଇଛି । ୬୦ପ୍ରତିଶତରୁ ଅଧିକ ଜାତୀୟ ରାଜପଥ ବିସ୍ତାର, ୨୦ରୁ ଅଧିକ ସହରରେ ମେଟ୍ରୋ ରେଲ୍, ୧୫୦ରୁ ଅଧିକ ଏୟାରପୋର୍ଟ, ବନ୍ଦେଭାରତ ଓ ଅମୃତ ଭାରତ ଭଳି ଟ୍ରେନର ଆଧୁନିକରଣ ହୋଇଛି । ଡିଜିଟାଲ ଇଣ୍ଡିଆ ଓ ୟୁପିଆଇ କ୍ରାନ୍ତି ଦ୍ୱାରା ବିଶ୍ୱର ସର୍ବବୃହତ ଡିଜିଟାଲରେ ନେଣଦେଣ କରୁଥିବା ଅର୍ଥବ୍ୟବସ୍ଥା ଅଟେ । ଡିବିଟି ବା ସିଧାସଳଖ ବ୍ୟାଙ୍କ ଖାତାରେ ଜମା ଦ୍ୱାରା ମଧ୍ୟସ୍ଥି / ଦଲାଲମାନଙ୍କର ଭୂମିକାକୁ ସମାପ୍ତ କରାଯିବା ସହ ୨ଲକ୍ଷ କୋଟିରୁ ଅଧିକ ଟଙ୍କାର ରାଜକୋଷରୁ ବାଟମାରଣାକୁ ବନ୍ଦ କରାଯାଇଛି । ଆତ୍ମନିର୍ଭର ଭାରତ ଓ ପିଏଲଆଇ ଯୋଜନା ଦ୍ୱାରା ପ୍ରତିରକ୍ଷା ମୋବାଇଲ ଓ ଇଲେକ୍ଟ୍ରୋନିକ ଉତ୍ପାଦନରେ ବ୍ୟାପକ ଅଭିବୃଦ୍ଧି ଘଟିଛି । ଗରୀବ କଲ୍ୟାଣ ଯୋଜନା ଦ୍ୱାରା କୋଟି କୋଟି ପରିବାରଙ୍କର ଜୀବନର ମାନ ପରିବର୍ତିତ ହୋଇଛି । ୮୦କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ରାସନ ଯୋଗାଣ, ୫୦କୋଟି ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦେବା, କୋଟି କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପାଇପାରିଛନ୍ତି । ୧୪କୋଟି ଶୌଚାଳୟ ଦ୍ୱାରା ସ୍ୱଚ୍ଛତା ଓ ସମ୍ମାନଜନକ ଜୀବନଯାପନର ବ୍ୟବସ୍ଥା ହୋଇପାରିଛି । ଷ୍ଟାର୍ଟଅପ୍ ଇଣ୍ଡିଆ ଓ ମୁଦ୍ରା ଯୋଜନାରେ ଉଦ୍ୟମୀମାନଙ୍କୁ ନୂଆ ଶକ୍ତି ମିଳିଛି ଓ ଶହେରୁ ଅଧିକ ୟୁନିକର୍ଣ୍ଣ ଉଦ୍ୟୋଗୀ ଭାରତରେ ପ୍ରତିଷ୍ଠିତ ହୋଇଛନ୍ତି । କୋଭିଡ ମହାମାରୀ ପରେ ସମଗ୍ର ବିଶ୍ୱରେ ଭାରତ ସବୁଠାରୁ ଦ୍ରୁତ ଗତିରେ ନିଜର ଅର୍ଥନୀତିକୁ ସଜାଡିବାରେ ସମର୍ଥ ହୋଇଛି । ଏହି ଜିଏସଟି ସୁଧାର ଦ୍ୱାରା ଭାରତର ଅର୍ଥନୀତି ଆହୁରି ପ୍ରଗତିଶୀଳ ହେବ, ନିବେଶକମାନଙ୍କର ଭରସା ମଜବୁତ ହେବ ଏବଂ ବିକଶିତ ଭାରତ ୨୦୪୭ ତ୍ୱରିତ ବେଗରେ ଅଗ୍ରସର ହେବ। ଜିଏସଟି ୨.୦ ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିବର୍ତନଶୀଳ ନେତୃତ୍ୱର ସ୍ପଷ୍ଟ ପ୍ରମାଣ ବୋଲି ଶ୍ରୀ ସାମଲ କହିଛନ୍ତି ।

ଆଗାମୀ ପିଢୀର ଜିଏସଟି ସୁଧାର କାରଣରୁ ଓଡିଶାର କୋଟି କୋଟି କୃଷକଙ୍କର ଆୟରେ ଆଖି ଦୃଶିଆ ଅଭିବୃଦ୍ଧି ହେବ। ୧୫ ଲକ୍ଷରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ ତାଙ୍କ ପରିବାର ବର୍ଗ ଆର୍ଥିକ ଦୃଷ୍ଟିରୁ ଆହୁରି ସଶକ୍ତ ହେବେ। କୋଇଲାରେ ସେସ୍ ହଟାଇ ଦିଆଯିବା ଓ ଜିଏସଟି ହାରରେ ପରିବର୍ତନ ଯୋଗୁ ଓଡିଶାର ରାଜସ୍ୱରେ ଅଭିବୃଦ୍ଧି ହେବ। ଓଡିଶା ପର୍ଯ୍ୟଟନ ଶିଳ୍ପରେ ବୈପ୍ଳବିକ ପରିବର୍ତନ ଆସିବ ଏବଂ ନିଯୁକ୍ତିର ଅପାର ସମ୍ଭାବନା ସୃଷ୍ଟି ହେବ। ସୂତା ଉପରେ ଜିଏସଟି ଦର ୧୮% ରୁ ୫% କୁ ହ୍ରାସ ଦ୍ୱାରା ଓଡିଶାର ଲକ୍ଷଲକ୍ଷ ବୁଣାକାର ଉପକୃତ ହେବେ ଓ ବିଦେଶକୁ ରପ୍ତାନି ପରିମାଣ ବୃଦ୍ଧି ପାଇବା ସହିତ ଦେଶ ପାଇଁ ବୈଦେଶିକ ମୁଦ୍ରା ଆଣିବାରେ ସହାୟକ ହେବ । ଜିଏସଟି ସୁଧାର ଲାଭ ଓଡିଶାକୁ ସବୁଠାରୁ ପ୍ରଭାବୀ ଢଙ୍ଗରେ ମିଳିବ ଓ ଓଡିଶାର ଯୁବକ ମାନଙ୍କ ପାଇଁ ଏହା ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ସାମଲ କହିଛନ୍ତି ।

୭୮ ବର୍ଷ ପୂର୍ବେ ଆମକୁ ବିଦେଶୀ ଶାସନରୁ ମୁକ୍ତି ମିଳିଥିଲା, କିନ୍ତୁ ବିଦେଶୀ ଦ୍ରବ୍ୟରୁ ମୁକ୍ତ ହେବା ପାଇଁ ଆଜି ସମୟ ଆସିଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ 'ଆମେ ସ୍ୱଦେଶୀ କିଣିବା, ସ୍ୱଦେଶୀ ବିକିବା' ରେ ସାମିଲ ହେବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଓଡିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଏବଂ ସାମାଜିକ ଗଣମାଧ୍ୟମ ସଂଯୋଜକ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେବା ପର୍ବ ପାଳନ ଅବସରରେ ବିକଶିତ ଭାରତ ଥିମ ସମ୍ପର୍କରେ ଚିତ୍ରାଙ୍କନ ପ୍ରତିଯୋଗିତା

କଳାହାଣ୍ଡି,୨୧।୯ (ନି.ପ୍ର) : କଳାହାଣ୍ଡି ଜିଲ୍ଲା ସଦର ମହକୁମାର ଭବାନୀପାଟଣା ରେସେବା ପର୍ବ – ୨୦୨୫ ପାଳନ ଅବସରରେ ଆଜି ସ୍ଥାନୀୟ ପି. ଏମ୍. ଶ୍ରୀ. ମ୍ୟୁନିସିପାଲିଟି ହାଇ ସ୍କୁଲ ଠାରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ବୃତ୍ତିଗତ ଚିତ୍ରକର, ବିଦ୍ୟାଳୟ , ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିକଶିତ ଭାରତ ଥିମ ସମ୍ପର୍କରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଏକ ଦିବସୀୟ ଚିତ୍ରାଙ୍କନ ପ୍ରତିଯୋଗିତା। କର୍ମଶାଳାର ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ



ଯୋଗଦେଇ ଏହାର ଶୁଭ ଉଦଘାଟନ କରି ଚିତ୍ରଙ୍କନ ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭି.ସି, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ (ସା) ତନ୍ମୟ କୁମାର ଦରୱାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ)ଅନିମେଷ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ଅଧିକାରୀ ପ୍ରମୋଦ କୁମାର ପାଢୀ, ଜିଲ୍ଲା ଭା.ଜ.ପା. ସଭାପତୀ ଯୁଗଳ କିଶୋର ପୋଢ, ଏମ୍.ପି. ଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ର ସଭାପତି ଶାନ୍ତନୁ କୁମାର ବେହେରା, ଡଃ. ଅଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୨୩ ଜଣ ଚିତ୍ର ଶିଳ୍ପୀ ଅଂଶ ଗ୍ରହଣ କରି ବିକଶିତ ଭାରତ ଥିମ ସମ୍ପର୍କରେ ସୁନ୍ଦର ଚିତ୍ର ଆଂକିଥିଲେ । ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ସ୍ତରରେ ଶୁଭମ ଓମକାର, ଡ୍ରିମ ପବ୍ଲିକ ସ୍କୁଲ, ପ୍ରଥମ ସ୍ଥାନ ପାଇଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ସଂଦୀପ ଦୁବେ ଦ୍ୱିତୀୟ ଓ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ସ୍ମୃତି ପ୍ରଜ୍ଞା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ ସେହିପରି କଲେଜ ସ୍ତରରେ ଉଦ୍ୟାନସୁ ବାଗ, କଳାହାଣ୍ଡି କଲେଜ ଅଫ ଆର୍ଟ ଏଣ୍ଡ ରିସର୍ଚ ପ୍ରଥମ, ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରକାଶ ନାଏକ ଦ୍ୱିତୀୟ ଓ କଳାହାଣ୍ଡି କଲେଜ ଅଫ ଆର୍ଟ ଏଣ୍ଡ ରିସର୍ଚ ଶ୍ରୀଧର ରାଉତ ତୃତୀୟ ସ୍ଥାନ ପାଇଥିଲେ । ବୃତ୍ତିଗତ ଚିତ୍ରାଙ୍କନ ପ୍ରତିଯୋଗିତା ବର୍ଗରେ ସଂଗ୍ରାମ ସରାଫ ପ୍ରଥମ, ତରୁଣ ମହାପାତ୍ର ଦ୍ୱିତୀୟ ଓ ଲିଙ୍ଗରାଜ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ । ଏହି ତିନୋଟି ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ସମସ୍ତ ପେଣ୍ଟିଙ୍ଗ କୁ ରାଜ୍ୟ ସ୍ତରକୁ ପଠାଯିବ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ କୁମାର ସିଂହ ପରିଚାଳନା କରିଥିଲେ ।

## ପାରିଶ୍ରମିକ ଦାବିରେ ଗୋଷ୍ଠୀ ସହାୟିକା କର୍ମୀଙ୍କ ଗଣଧାରଣା, ଓଏଲଏମ କାର୍ଯ୍ୟାଳୟ ପକାଇଲେ ତାଲା

ଦଶପଲ୍ଲା ୨୨।୯(ନି.ପ୍ର) : ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଆମ ଦୁଃଖ ଦୁର୍ଦ୍ଦଶା ବୁଝି ଆମକୁ ଚାକିରି ଦେଇଥିଲେ କିନ୍ତୁ ଏ ବିଜେପି ସରକାର ଆମକୁ ପ୍ରତାରଣା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ସହାୟିକା କର୍ମୀ । ପ୍ରୋତ୍ସାହନ ରାଶି ବଦଳରେ ନିର୍ଦ୍ଧିଷ୍ଟ ପାରିଶ୍ରମିକ ଦାବିରେ କାର୍ଯ୍ୟ ବନ୍ଦ କରି ବ୍ଲକ ସମ୍ମୁଖରେ ଗଣଧାରଣ। ଦେଇଛନ୍ତି ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ




ସମସ୍ତ କମ୍ୟୁନିଟି ସପୋର୍ଟିଙ୍ଗ ଷ୍ଟାଫ । ପୂର୍ବରୁ ପାଉଥିବା ନିର୍ଦ୍ଧିଷ୍ଟ ପାରିଶ୍ରମିକ ପାଉନଥିବାରୁ ସଂଘ ତରଫରୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସ୍ଥାୟୀ ସମାଧାନ ନହେବାରୁ ଧାରଣା ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସଂଘର ନିଷ୍ପତ୍ତି ଅନୁଯାୟୀ ଯେ ପର୍ଯ୍ୟନ୍ତ ସରକାର ତାଙ୍କ ଦାବି ଶୁଣି ନାହାନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ । ଏପରିକି ଓଏଲଏମ କାର୍ଯ୍ୟାଳୟ ତାଲା ପକାଇ ମହାତ୍ମାଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ । ମହିଳାଙ୍କୁ ସମ୍ମାନ କଥା କହୁଥିବା ସରକାର ମହିଳା ମାନଙ୍କୁ ରାଜରାସ୍ତାରେ ବସିବାକୁ ବାଧ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସଂଘର ସଭାନେତ୍ରୀ ସୁରେଖା ମଞ୍ଜରୀ ପଟ୍ଟନାୟକ,ସମ୍ପାଦିକା ବିଜୟ ଲକ୍ଷ୍ମୀ ପାତ୍ର ଙ୍କ ସମେତ ପ୍ରାୟ ୧୦୦ରୁ ଅଧିକ ମହିଳା ଉପସ୍ଥିତ ଥିଲେ ।

## ଓଡିଶାର ଋଣ ଭାର ୧.୩୪ ଲକ୍ଷ କୋଟିକୁ ଟପିବ

ଭୁବନେଶ୍ୱର,୨୨।୯ : ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାରତ ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୧୩-୧୪ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୩୮,୬୬୬ କୋଟି ୨୪ଲକ୍ଷ ଟଙ୍କା ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷ ଶେଷସୁଦ୍ଧା ଏହା ୯୬,୩୧୦ କୋଟି ୪୦ଲକ୍ଷ ଟଙ୍କାରେ ପହଞ୍ଚିଥିଲା । ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧,୩୪,୯୧୩ କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ତେବେ ଋଣ ପରିମାଣ ହ୍ରାସ କରିବାପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ମଧ୍ୟରେ ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି । ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ସରକାର ଆଉ କୌଣସି ଋଣ ଆଣୁ ନାହାନ୍ତି। ୫୦ବର୍ଷର ସୁଧବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଇଛି। ଏହି ପଦକ୍ଷେପରୁ ରାଜ୍ୟର ସୁଧଦେୟର ଭାର ହ୍ରାସ ପାଉଛି।

## ମିଶନ ଶକ୍ତି କମ୍ୟୁନିଟି ସପୋଟ ଷ୍ଟାଫ ସ୍ଥାଇ ନିଯୁକ୍ତି ଦାବିରେ ବ୍ଲକ୍ କାର୍ଯ୍ୟାଳୟରେ ମହିଳାଙ୍କ ଧାରଣା

ବ୍ରହ୍ମଗିରି,୨୨/୦୯(ନିପ୍ର) ସୋମବାର ଦିନ ବ୍ରହ୍ମଗିରି ବ୍ଲକ ମିଶନ ଶକ୍ତି କମ୍ୟୁନିଟି ସପୋଟ ଷ୍ଟାଫ ସ୍ଥାଇ ନିଯୁକ୍ତି ଓ୍ୱେବ ୮ଦଫା ଦାବିରେ ବ୍ଲକ୍ କାର୍ଯ୍ୟାଳୟରେ ମହିଳା ଧାରଣା ଦେଇଛନ୍ତି । ନୂଆ ନିଯୁକ୍ତି ଦେଇ ପୁରୁଣା ମାନଙ୍କୁ କାଢିବା ସହିତ ରେଭୁନୁ ଗ୍ରାମ ମାନଙ୍କରେ ଜଣେ ସି,ର,ପି ମହିଳା ରହିବାକୁ ସଙ୍ଘ ବିରୋଧ କରିଛନ୍ତି । ମହିଳାମାନେ ପଦ ପଦବୀରୁ ହଟିବେ ନାହିଁ ବୋଲି ବ୍ଲକ୍ ଭିତରେ ଧାରଣାରେ ବସି ରହିଛନ୍ତି




। ସୂଚନା ଅନୁଯାୟୀ,ବିଜେଡ଼ି ସରକାର ଅମଳରୁ ମିଶନ ଶକ୍ତି ରେ ମହିଳା ମାନେ ପଦ ପଦବୀରେ ରହିଥିବା ବେଳେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଭିନ୍ନ ସଭାନେତ୍ରୀ, ସଂପାଦିକା, ଇସି ମେମ୍ବର ପରିବର୍ତ୍ତନ କରି ନୂଆ ମହିଳା ମାନଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା କରିଛନ୍ତି । ଏହି ପ୍ରକ୍ରିୟା ଚାଲିଥିବା ବେଳେ ଏହାକୁ ପୁରୁଣାମାନେ ବିରୋଧ କରି ସୋମବାର ପୂର୍ବାହ୍ନରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି । ବ୍ରହ୍ମଗିରି ବ୍ଲନ୍ ଅଧୀନରେ ଥିବା ୨୫ ଟି ପଂଚାୟତରୁ ୨୨ ଟି ପଞ୍ଚାୟତର ମୋଟ ୨୬୦ ମିଶନ ଶକ୍ତି ମହିଳା ମା'ମାନେ ଧାରଣା ରେ ରହିଛନ୍ତି । ଏହି ମହିଳା ମାନେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ କରିବା ସହ କଟୁ ମନ୍ତବ୍ୟ ପ୍ରୟୋଗ କରିଛନ୍ତି । ଏବଂ ୮ଦଫା ସମ୍ବଳିତ ଏକ ଦାବି ରାଜ୍ୟ ସରକାରଙ୍କ ପାଖରେ ରଖିଛନ୍ତି । ସେଗୁଡିକ ହେଲା ପୂର୍ବ ସରକାର ଙ୍କ ପରି ଠିକ ଦରମା ଦେବା ,ସ୍ଥାଇ ନିଯୁକ୍ତ ଦେବା , ଦରମା ଟଙ୍କାକୁ ବ୍ୟକ୍ଷଙ୍କ ଖାତାକୁ ଦେବା ,ପ୍ରୋପମାନ୍ସ ବୋନସ ପକ୍ରିୟା ବନ୍ଦ କରିବା, ଛମାସର ବାକିୟା ଦରମା ପ୍ରଦାନ କରିବା , କାର୍ଯ୍ୟ ଆନୁସାରେ ବର୍ଦ୍ଧିତ ପାର ଶ୍ରମିକ ଲାଗୁ କରିବା , ରେଭୁନୁ ଗ୍ରାମ ପ୍ରୋଚ୍ଛହନ ବନ୍ଦ କରିବା ପାଇଁ ସରକାର ଙ୍କୁ ଜଣାଇଛନ୍ତି । ସଙ୍ଘର ସଭାନେତ୍ରୀ ମିନତୀ ପ୍ରଧାନ କହିଛିନ୍ତି ଆଗାମୀ ଦିନରେ ଆମ କଥା ଯଦି ସରକାର ନ ଶୁଣନ୍ତି ତେବେ ବ୍ଲକ୍ ଘେରାଉ କରିବା ସହ ପରିସରରେ କିଛି କାର୍ଯ୍ୟ କରାଇ ନଦେବା ପାଇଁ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ର ସମସ୍ତ ମହିଳା କର୍ମକତା ଉପସ୍ଥିତ ଥିଲେ ।

## ତମାଖୁ ଟିକସରୁ ଓଡିଶା ପାଇଲାଣି ୬୭୫୦ କୋଟି

ଭୁବନେଶ୍ୱର,୨୨।୯ (ନି.ପ୍ର) : ଗୁଟ୍‌ଖା, ତମାଖୁ, ସିଗାରେଟ, ପାନମସଲା ଆଦିରୁ ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ଭାଟ୍ ଓ ଜିଏସ୍‌ଟି ବାବଦରେ ୬୭୫୦ କୋଟି ଟଙ୍କାର ଅଧିକ ଅର୍ଥ ପାଇଲେଣି। ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀରୁ ରେକର୍ଡ ପରିମାଣର ୧୨୩୪ କୋଟି ଟଙ୍କା ଆଦାୟ ହୋଇଛି। ଗୁଟ୍‌ଖା, ତମାଖୁ ଆଦି ଉପରୁ ରାଜ୍ୟ ସରକାର ଆଦାୟ କରୁଥିବା ଟିକସ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ୨୦୧୮-୧୯ରୁ ନିୟମିତ ଭାବେ ଗୁଟ୍‌ଖା ତମାଖୁ ଆଦିରୁ ଆଦାୟ ଟିକସ ପରିମାଣ ବଢି ବଢି ଚାଲିଛି । ୨୦୧୮-୧୯ ବର୍ଷରେ ଏହି ସାମଗ୍ରୀରୁ ୪୮୦ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୦୧୨ କୋଟି ଟଙ୍କାକୁ ଟପିଯାଇଥିଲା। ଗତ ଆର୍ଥିକ ବର୍ଷରେ ଏହା ୧୨୩୪.୮୮ କୋଟି ଟଙ୍କାରେ ପହଞ୍ଚିଛି । ତେବେ ଗୁଟ୍‌ଖା, ତମାଖୁ, ସିଗାରେଟ୍ ଓ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପ୍ଣନ ଓ ବିକ୍ରି ଉପରେ କଟକଣା ବାବଦୀୟ ତଥ୍ୟ ଅର୍ଥ ବିଭାଗ ନିକଟରେ ନଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ଟ୍ୱିନ ସିଟିର ସବୁଠାରୁ ବଡ ନବରାତ୍ରି ସେଲିବ୍ରେଶନ 'ଦାଣ୍ଡିଆ କାର୍ଣ୍ଣିଭାଲ ୨କେ୨୫'

ଭୁବନେଶ୍ୱର,୨୨।୯ (ନି.ପ୍ର) : ନେଟ୍‌ୱର୍କ ଇଭେଂଟ୍‌ସ ଆଣ୍ଡ ପ୍ରମୋସନ୍ସ, କ୍ରିଷ୍ଟାଲ କ୍ରାଉନ ସହ ସହଭାଗିତାରେ ଆସନ୍ତା ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୧ ତାରିଖ ୨୦୨୫ ପର୍ଯ୍ୟନ୍ତ ପଟିଆସ୍ଥିତ କ୍ରିଷ୍ଟାଲ କ୍ରାଉନଠାରେ ଚଳିତ ବର୍ଷର ବହୁପ୍ରତିକ୍ଷୀତ ନବରାତ୍ରି ମହୋତ୍ସବ – ଦାଣ୍ଡିଆ କାର୍ଣ୍ଣିଭାଲ ୨କେ୨୫'ର ଆୟୋଜନ କରିବା ପାଇଁ ପ୍ରସ୍ତୁତ ରହିଛି। ଟ୍ୱିନସିଟିର ସବୁଠାରୁ ବଡ ନବରାତ୍ରି ଭାବେ ପାଳିତ ହେବାକୁ ଥିବା ଏହି ଦାଣ୍ଡିଆ କାର୍ଣ୍ଣିଭାଲ ୨କେ୨୫ ଇଭେଂଟ ୩ ରାତିର ଅତୁଳନୀୟ ଉତ୍ସାହ, ଆକର୍ଷଣୀୟ ନୃତ୍ୟ,ଲାଇଭ ମ୍ୟୁଜିକ ଓ ଅସିମୀତ ପାର୍ବଣ ଆନନ୍ଦର ପ୍ରତିଶ୍ରୁତି ଦେଉଛି। ଏହି ଦାଣ୍ଡିଆ କାର୍ଣ୍ଣିଭାଲ ୨କେ୨୫ର ମୁଖ୍ୟ ଆକର୍ଷଣରେ ସେଲିବ୍ରିଟି ଗାୟକ, ଲୋକପ୍ରିୟ ଡିଜେ, ଲାଇଭ ବ୍ୟାଣ୍ଡ ଓ ପାରମ୍ପରିକ ପଞ୍ଜାବୀ ଡୋଲ ଭଳି ଷ୍ଟାର ପ୍ରଦର୍ଶନ ସାମିଲ ରହିଛି। ଏହି ଉତ୍ସବ ସମ୍ପର୍କରେ ନେଟ୍‌ୱର୍କ ଇଭେଂଟ୍‌ସ ଆଣ୍ଡ ପ୍ରମୋସନ୍ସର ପ୍ରତିଷ୍ଠାତା ଚନ୍ଦନ ନାୟକ କହିଛନ୍ତି, " ଦାଣ୍ଡିଆ କାର୍ଣ୍ଣିଭାଲ




ସବୁବେଳେ ନୃତ୍ୟ, ଭକ୍ତି ଓ ଆନନ୍ଦ ସହିତ ନବରାତ୍ରିର ଉତ୍ସାହକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଏକତ୍ରିତ କରିଆସିଛି। ଚଳିତ ବର୍ଷ ଆମେ ଏହାକୁ ସମସ୍ତଙ୍କ ପାଇଁ ଆହୁରି ବୃହତ ଓ ସ୍ମରଣୀୟ କରିଛୁ।" ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଓଡ଼ିଆ ସିନେମା ଜଗତର ଲୋକପ୍ରିୟ ଅଭିନେତ୍ରୀ, ଲିପସା ମିଶ୍ର ଏବଂ ପ୍ରିୟଙ୍କା ପାଣିଗ୍ରାହୀ, କ୍ରିଷ୍ଟାଲ କ୍ରାଉନର ଜେନେରାଲ ମ୍ୟାନେଜର, ରମେଶ ସିଂ କନ୍ଦାରୀ, କ୍ରିଷ୍ଟାଲ କ୍ରାଉନର ଡ଼ାଇରେକ୍ଟର, ନିକଲାସ ମହାନ୍ତି ଏବଂ ଜୁନିୟର ସେଫ୍, ଜୀବନ କୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଉତ୍ସବର ପ୍ରଥମ ଦିନରେ ଅର୍ଥାତ୍ ୨୯ ତାରିଖରେ ଓଡ଼ିଶାର ପ୍ରଥମ ଡ଼ିଜେ ବ୍ୟାଣ୍ଡ, ବଲି ବଏଜ୍, ପ୍ଲେବ୍ୟାକ୍ ସିଙ୍ଗର, ନବ୍ୟା ଜଇତି, ସେଲିବ୍ରେଟି ଆଙ୍କର ଶୁଭମ୍ ପ୍ରମୁଖ କାର୍ଯ୍ୟକ୍ରମ ପରିବେଶଣ କରିବାକୁ ଥିବାବେଳେ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ବଲିଉଡ୍ ପ୍ଲେବ୍ୟାକ ସିଙ୍ଗର, ମେହେରୋଲିୟା, ଇଣ୍ଡିଆନ ଆଇଡ଼ଲ ସେନସେସନ୍, ତୋରଶା ସରକାର, ଆଙ୍କର ପୁନ୍ୟା, ଡ଼ିଜେ ଏସକେବି (ରିମିକ୍ସ ମାଷ୍ଟର) ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମର ଶେଷ ଦିବସରେ ଅର୍ଥାତ୍ ୧ ଅକ୍ଟୋବରରେ ପିନାକୀ ଝା, (ଶ୍ରେଷ୍ଠ ୨୫ ଏମସି ଅଫ ଏସିଆ), ମୁମ୍ବାଇ ଡ଼ିଜେ ବ୍ୟାଣ୍ଡ, ଶୁଭାରମ୍ଭ, ବଲିଉଡ୍ ଡ଼ିଜେ, ଡ଼ିଜେ ରାଜ୍ ପ୍ରମୁଖ କାର୍ଯ୍ୟକ୍ରମ ପରିବେଶଣ କରିବେ ।

ନୃତ୍ୟ ଓ ଉତ୍ସବରେ ପେସାଦାର କଳାକାରଙ୍କ ସହିତ ଉତ୍ସାହପୂର୍ଣ୍ଣ ଗର୍‌ବା ଓ ଦାଣ୍ଡିଆ ନୃତ୍ୟ, ଓପନ-ଫ୍ଲୋର ପାର୍ଟିସିପେଶନ ସାମିଲ ଥିବା ବେଳେ ଏହି ଇଭେଂଟରେ ଅସିମୀତ ଖାଦ୍ୟ ଓ ବୁଫେ, ଗିଫ୍ଟ ହାମ୍ପର, ଫେଷ୍ଟିଭ କ୍ଲିକ ଓ ସ୍ମରଣୀୟ ଅନୁଭୂତି ଅନ୍ତର୍ଭୁକ୍ତ ରହିଛି। ଏକ୍ସକ୍ଲୁସିଭ ଭିଆଇପି ଲାଉଞ୍ଜରେ ଏନର୍ଜି ଡ୍ରିଙ୍କ, ବଟ୍‌ଲର ସର୍ଭିସ, ହୁକା, ଭିଆଇପି ସୋଫା ସିଟିଙ୍ଗ ଓ ପ୍ରିମିୟମ ହସ୍ପିଟାଲିଟି ଉପଲବ୍ଧ ରହିଛି। ଏହି ଇଭେଂଟ ପାଇଁ ଟିକେଟ ମୂଲ୍ୟ ବୟସ୍କ ବ୍ୟକ୍ତିଙ୍କ ପାଇଁ ୧୨୦୦ ଟଙ୍କା ଏବଂ ୬ ରୁ ୧୧ ବର୍ଷ ବୟସର ପିଲାମାନଙ୍କ ପାଇଁ ୮୦୦ ଟଙ୍କା ରହିଛି। ୫ ଜଣଙ୍କ ପାଇଁ ଏକ ଭିଆଇପି ଅନୁଭୂତି କେବଳ ୧୫,୦୦୦ ଟଙ୍କାରେ ଉପଲବ୍ଧ ହେଉଛି। ଏହାର ଟିକେଟଗୁଡିକୁ ଅନ୍‌ଲାଇନରେ ବୁକ୍‌ମାଇଁଶୋ' ମାଧ୍ୟମରେ ଏବଂ ଅଫ୍‌ଲାଇନରେ ପଟିଆସ୍ଥିତ ଜଷ୍ଟ୍ ଡେଲିସିୟସ ବାଏ କ୍ରିଷ୍ଟାଲ କ୍ରାଉନ ଏବଂ ଅଶୋକ ନଗରସ୍ଥିତ ପଣ୍ଡା ଟ୍ରାଭେଲ ମାର୍ଟରେ ବୁକ୍ କରାଯାଇପାରିବ।

## ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ଅଭିନବ ପ୍ରତିବାଦ

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାଇଲେସିସି ସେଣ୍ଟରର ପାଇଖାନା ସଫା କଲେ ପ୍ରଦୀପ ମାଝୀ

ନବରଙ୍ଗପୁର,୨୨।୯ (ନି.ପ୍ର) : ସ୍ୱଛତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ହେଲେ କାମରେ ଲାଗୁନାହିଁ ଏଣୁ ବିଜେଡି ନେତା ପ୍ରଦୀପ ମାଝୀଙ୍କ ଅଭିନବ ପ୍ରତିବାଦ ବାରମ୍ବାର ଅନୁରୋଧ ପରେ ମଧ୍ୟ ଶୁଣିଲା ନାହିଁ ପ୍ରଶାସନ ତେଣୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମହତ୍ୱପୁର୍ଣ ସ୍ଥାନ ଡାଇଲେସିସି ସେଣ୍ଟର ର ପାଇଖାନା ସଫା କଲେ ପ୍ରଦୀପ ମାଝୀ। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାଇଲେସିସ ଗୃହର ପାଇଖାନା ଦୀର୍ଘ ଆଠ ମାସ



ଧରି ସଫେଇ ହୋଇ ନ ଥିବାରୁ ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି ହେଉଛି, ଯାହା ଅନେକ ରୋଗର ବାହକ ସାଜୁଛି କିଡନୀ ରୋଗ ଭଳି ଗୁରୁତର ରୋଗ ରେ ପୀଡ଼ିତା ରୋଗୀ ଙ୍କୁ ବିଶେଷ ଯତ୍ନ ର ସହ ଚିକିତ୍ସା ର ଆବଶ୍ୟକ ଥିବା ବେଳେ ସେଠାର ଥିବା ପାଇଖାନା ଆଠ ମାସ ଧରି ସଫା ନ ହେବା ଦ୍ୱାରା ପାଇଖାନା ବ୍ୟବହାର କରୁଥିବା ରୋଗୀ ଅଧିକ ସଂକ୍ରମିତ ହେବାର ଆଶଙ୍କା ଥିବା ଅଭିଯୋଗ କରିଛନ୍ତି ପ୍ରଦୀପ ମାଝୀ । ଯାହାକୁ ନେଇ ସେ ପାଇଖାନା କୁ ସଫା କରିବା ପାଇଁ ବାରମ୍ବାର ଅନୁରୋଧ କରି ଆସୁଥିଲେ କିନ୍ତୁ, ସଫେଇ ପାଇଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଆଜି ପ୍ରତିବାଦ ସ୍ୱରୂପ ନିଜେ ଡାଇଲେସିସର ପାଇଖାନା ଗୃହ କୁ ଯାଇ ଫିନାଇଲ , ବିଲ୍ଲିଚିଂ ପାଉଡର ଓ ଫ୍ଲୋର କ୍ଲିନର ପକାଇ ସଫେଇ କରିଥିଲେ । ସ୍ୱଚ୍ଛ ଭାରତ ମିଶନ ରେ ପାଇଖାନା ସଫେଇ ପାଇଁ କୋଟି କୋଟି ଟଙ୍କା ଆସୁଥିବା ବେଳେ ତାହାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆତ୍ମସାତ କରୁଥିବା ଅଭିଯୋଗ କରିଛନ୍ତି ପ୍ରଦୀପ ମାଝୀ ।

